୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ସ୍ୱବଜାଗରଣ

ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.27. No.177 Bhubaneswar Tuesday August 26 2025 ୨୭ତମ ବର୍ଷ ସଂଖ୍ୟା–୧୭୭ ଭୁବନେଶ୍ୱର ମଙ୍ଗଳବାର, ଅଗଷ୍ଟ ୨୬, ୨୦୨୫ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

ରାଜ୍ୟ କ୍ୟାବିନେଟ୍‌ରେ ନିଷ୍ପତ୍ତି

୪ଟି ପ୍ରସ୍ତାବକୁ ମିଳିଲା ଅନୁମୋଦନ

ଭୁବନେଶ୍ୱର: ରାଜ୍ୟ କ୍ୟାବିନେଟର ୨୪ତମ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଧ୍ୟକ୍ଷତା କରିଥିଲେ। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ୩ଟି ବିଭାଗର ୪ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ୧ ଟି, ଇଲେକ୍ଟ୍ରୋନିକ୍ସ ଏବଂ ଆଇ ଟି ବିଭାଗର ୨ ଟି ପ୍ରସ୍ତାବ ଆଲୋଚନା ପୂର୍ବକ କ୍ୟାବିନେଟ ବୈଠକରେ ଅନୁମୋଦନ କରାଯାଇଥିଲାଃ ୪ର୍ଥ ପ୍ରସ୍ତାବଟି ଆଗାମୀ ସେପ୍ଟେମ୍ବର ୧୮ ତାରିଖରୁ ୧୭ତମ ବିଧାନ ସଭାର ୪ର୍ଥ ଅଧିବେଶନ ଆରମ୍ଭ ହେବାକୁ ଥିବା ସମ୍ପର୍କିତ ପ୍ରସ୍ତାବ ଥିଲା । କ୍ୟାବିନେଟ୍ ବୈଠକ ନେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ରଣନୀତିକୁ ସୂଚନା ଦେଇ କହିଛନ୍ତି, କ୍ୟାବିନେଟ ବୈଠକରେ ମୋଟ ୩ଟି ବିଭାଗର ୪ଟି ପ୍ରସ୍ତାବ ନେଇ ଆଲୋଚନା କରାଯାଇଥିଲା । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ୧ ଟି, ଇଲେକ୍ଟ୍ରୋନିକ୍ସ ଏବଂ ଆଇ ଟି ବିଭାଗର ୨ ଟି ପ୍ରସ୍ତାବ ଆଲୋଚନା ପୂର୍ବକ କ୍ୟାବିନେଟ ବୈଠକରେ ଅନୁମୋଦନ କରାଯାଇଥିଲାଃ ୪ର୍ଥ ପ୍ରସ୍ତାବଟି ଆଗାମୀ ସେପ୍ଟେମ୍ବର ୧୮ ତାରିଖରୁ ୧୭ତମ ବିଧାନ ସଭାର ୪ର୍ଥ ଅଧିବେଶନ ଆରମ୍ଭ ହେବାକୁ ଥିବା ସମ୍ପର୍କିତ ପ୍ରସ୍ତାବ ଥିଲା ।

ଭୁବନେଶ୍ୱର ବିମାନ ବନ୍ଦରରେ ଉଡାନ କେଫେ ଏବଂ କିଓ୍ୱସ୍କ ଜୋନର ଶୁଭାରମ୍ଭ

ଭୁବନେଶ୍ୱର: ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରରେ ଆଜି ଉଡାନ କାଫେ ଏବଂ କିଓ୍ୱସ୍କ ଜୋନର ଶୁଭାରମ୍ଭ ହୋଇଛି । ଉଦଘାଟନ କରିଛନ୍ତି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ.ରାମମୋହନ ନାଇଡୁ । ଏହି ଉଦଘାଟନ ପରେ ବିମାନବନ୍ଦରରେ ଏଣିକି ଖାଦ୍ୟପାନୀୟ ଶସ୍ତା ହେବ ବୋଲି କୁହାଯାଇଛି । ଏଠାରେ ସୁଲଭ ମୂଲ୍ୟରେ ଯାତ୍ରୀମାନେ ଚା, କଫି ଏବଂ ବିଭିନ୍ନ ପ୍ରକାର ଖାଦ୍ୟସାମଗ୍ରୀ ସ୍ୱଳ୍ପ ମୂଲ୍ୟରେ ପାଇପାରିବେ। କେନ୍ଦ୍ର ସରକାରଙ୍କ ଏହା ଏକ ନୂଆ ପ୍ରୟାସ, ଯେଉଁଥିରେ ଯାତ୍ରୀମାନେ କମ ଖର୍ଚ୍ଚରେ ସୁସ୍ୱାଦୁ ଖାଦ୍ୟ ପାଇପାରିବେ। ଗତବର୍ଷ ପ୍ରଥମେ କୋଲକାତାରେ ଏହି ଉଡାଣ ଯାତ୍ରୀ ଜାଫେ ଖୋଲା ହୋଇଥିଲା। ପରେ ଚେନ୍ନାଇ, ଅହମଦାବାଦ, ପୁନେରେ ମଧ୍ୟ ଏହାକୁ ଖୋଲାଯାଇଥିଲା। ଏସବୁ ସହର ପରେ ଆଜି ଭୁବନେଶ୍ୱର ବିମାନବନ୍ଦରରେ ଏହାର ଶୁଭାରମ୍ଭ ହୋଇଛି। ଉଦଘାଟନ ସମୟରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ଲକ୍ଷ୍ୟ ଆସନ୍ତା ଏକ ବର୍ଷ ମଧ୍ୟରେ ଦେଶରେ ୧୦ଟି ୧୫ଟି ବିମାନବନ୍ଦରରେ ଏହି ଜାଫେ ଖୋଲିବା । ଓଡ଼ିଶାରେ ୨ଟି ଏୟାର ଷ୍ଟ୍ରିପ ରହିଛି। ଯଦି ସେଠି ଜାଗା ମିଳିବ ତେବେ ସେଠାରେ ବିମାନବନ୍ଦର ନିର୍ମାଣ କରାଯିବ। ରାଜ୍ୟ ସରକାର ସହଯୋଗ କଲେ ତାହା ସମ୍ଭବ ହେବ। ପୁରୀ ବିମାନବନ୍ଦର ପାଇଁ ସାଇଟ କ୍ଲିୟରାନ୍ସ ଦିଆଯାଇଛି। ରାଜ୍ୟ ସରକାର ତା'ର ନିର୍ମାଣ କାର୍ଯ୍ୟ ଦେଖିବେ। ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଦୂରନ୍ତ ପୁରୀରେ ବିମାନବନ୍ଦର ହେବ ବୋଲି ଆଶା ରଖିଛୁ। କହିଛନ୍ତି କେନ୍ଦ୍ର ମନ୍ତ୍ରୀ କେ ରାମ ମୋହନ ନାଇଡୁ କହିଛନ୍ତି।

ଚିଲିକାରେ ଆରମ୍ଭ ହୋଇପାରେ ସିପ୍ଲେନ ସେବା

ଭୁବନେଶ୍ୱର : ଆସନ୍ତା ଅକ୍ଟୋବର ସୁଦ୍ଧା ଦେଶର ୨ଟି ରୁଟରେ ସିପ୍ଲେନ ସେବା ଆରମ୍ଭ ଜରିବାକୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ବିଚାର କରୁଛି । କେଉଁ ଦୁଇଟି ରୁଟରେ ସିପ୍ଲେନ ଚଳାଚଳ ହେବ ତାହା ବୃତ୍ତାନ୍ତ ହୋଇନଥିଲେ ବି ସମ୍ଭାବ୍ୟ ତାଲିକାରେ ଓଡ଼ିଶାର ଚିଲିକା-ଆନ୍ଧ୍ରପ୍ରଦେଶ ନେଟୱର୍କ, ଆଣ୍ଡାମାନ ଓ ନିକୋବର ଓ କେରଳ ରହିଛନ୍ତି । ଓଡ଼ିଶାର ଏୟାର କନେକ୍ଟିଭିଟି ବୃଦ୍ଧି ପାଇଁ ୨୨ଟି ଅଚଳ ଏୟାରଷ୍ଟ୍ରିପକୁ ପୁଣି ଜାର୍ଯ୍ୟକ୍ଷମ କରାଯିବ ବୋଲି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ ସୂଚନା ଦେଇଛନ୍ତି । ଭୁବନେଶ୍ୱରରେ ଅନୁଷ୍ଠିତ ପୂର୍ବାଞ୍ଚଳ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସମ୍ମିଳନୀରେ ଯୋଗ ଦେଇ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ପୂର୍ବରୁ ବି ଦେଶର ଗୋଟିଏ ରୁଟରେ ସିପ୍ଲେନ ଚାଲୁଥିଲା । କିନ୍ତୁ ଏବେ ସରକାର ସିପ୍ଲେନ ପାଇଁ ଥିବା ନିୟମାବଳୀକୁ ସରଳ କରିଛନ୍ତି । ଏହା ଫଳରେ ଆସନ୍ତା ଅକ୍ଟୋବର ସୁଦ୍ଧା ୨ଟି ରୁଟରେ ସିପ୍ଲେନ ସେବା ଆରମ୍ଭ ହେବା ଆଶା ଜରାଯାଇଛି । ଆଣ୍ଡାମାନ-ନିକୋବର, କେରଳ, ଆନ୍ଧ୍ରପ୍ରଦେଶ ଓ ଓଡ଼ିଶାର ଚିଲିକା ସମେତ ସମସ୍ତ ପୂର୍ବାଞ୍ଚଳ ରୁଟରେ ଏହି ସେବା ଆରମ୍ଭ ହୋଇପାରେ । ସେ କହିଛନ୍ତି ଯେ ସିପ୍ଲେନ ଚଳାଚଳ, ୱାଟରଡୋମ, ପାଇଲଟଙ୍କ ପ୍ରଶିକ୍ଷଣ ଆଦି ନିୟମରେ ସଂଶୋଧନ କରାଯାଇ ସରଳ କରାଯାଇଛି ।ଓଡ଼ିଶାର ଏୟାର କନେକ୍ଟିଭିଟି ବୃଦ୍ଧି ପାଇଁ ୨୨ଟି ଅଚଳ ଏୟାରଷ୍ଟ୍ରିପକୁ ପୁଣି ଜାର୍ଯ୍ୟକ୍ଷମ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ଏହି ସମାରୋହରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଯୋଗ ଦେଇଥିଲେ ।

ଓଡ଼ିଶାର ବିମାନ ଚଳାଚଳ ଭିତ୍ତିଭୂମି ପାଇଁ

ସବୁ ପ୍ରକାର ସହଯୋଗ ଯାଇ ଦିଆଯିବ: କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର: ଭୁବନେଶ୍ୱର ଠାରେ ଆୟୋଜିତ ପୂର୍ବାଞ୍ଚଳ ବେସାମରିକ ବିମାନ ପରିବହନ ମନ୍ତ୍ରୀମଣ୍ଡଳ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଡ଼ଦେଇ ଘୋଷଣା କରିଥିଲେଯେ ରାଜ୍ୟ ସରକାରଙ୍କ ପ୍ରମୁଖ ପ୍ରୟାସ ଣ-ଗଢଇଘ ଅଧୀନରେ, ଜ୍ୟାଡେଟ୍ ପାଇଲଟ୍ ପ୍ରୋଗ୍ରାମ୍ ଆରମ୍ଭ ହେବାକୁ ଯାଉଛି, ଯେଉଁଥିରେ ଆଦିବାସୀ କନ୍ୟାମାନଙ୍କୁ ପାଇଲଟ ହେବା ପାଇଁ ଟ୍ରେନିଂ ଦିଆଯିବ ।ଏହି ଅବସରରେ ରାଜ୍ୟ ସରକାର ଆଜି ଦେଶର ପ୍ରମୁଖ ବିମାନ ଏମ୍ ?ଆରଓ ସେବାଦାତା ଏୟାର ୱାର୍କସ ସହିତ ଏକ ବୁଝି ସ୍ୱାକ୍ଷର ଜରିଛନ୍ତି। ଏହା ଅନୁଯାୟୀ, ଭୁବନେଶ୍ୱରଠାରେ ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରରେ ଏକ ଆଧୁନିକ ଏମ୍ ?ଆରଓ ସୁବିଧା ସ୍ଥାପିତ ହେବ। ଏଥିସହିତ, ରାଜ୍ୟର ଯୁବମାନଙ୍କ ପାଇଁ ଦକ୍ଷତା ବିକାଶ, ପ୍ରଶିକ୍ଷଣ ଓ ଚାକିରି ସୁଯୋଗ ସୃଷ୍ଟି ଜରିବା ନିମନ୍ତେ, ରାଜ୍ୟ ସରକାର ଏୟାର ୱାର୍କସ ସହିତ ଏକ ବୁଝି ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ଅଭିରକ୍ଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତିଯେ, ପୁରୀରେ ଏକ ବିଶ୍ୱସ୍ତରୀୟ ଆନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ହେଉଛି ଏବଂ ଏହି ବିମାନବନ୍ଦର, ସାରା ବିଶ୍ୱର ଡେଟି କୋଟି ଜଗନ୍ନାଥ ଭକ୍ତଙ୍କ ପାଇଁ ଏକ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଦ୍ୱାରପଥ ହେବ। ଏଥିସହିତ ଝାରସୁଗୁଡା ବିମାନବନ୍ଦରର ବିସ୍ତାର ପାଇଁ ଜମି ବ୍ୟବସ୍ଥା କରାଯାଇଛି। ନୂଆ ସରକାର ଗଠନର ବିଗତ ୧୪ ମାସ ମଧ୍ୟରେ, ଓଡିଶାର ବିମାନବନ୍ଦର ଗୁଡ଼ିକ, ୧୫ଟି ନୂଆ ଗନ୍ତବ୍ୟ ସହିତ ଯୋଡ଼ାଯାଇଛି। ଆମର ଏହି ନାଡି, ଓଡିଶାକୁ ଜାତୀୟ ଓ ଆନ୍ତର୍ଜାତୀୟ ବିମାନ ପରିବହନ ନେଟୱର୍କ ସହିତ ଯୋଡ଼ିବାରେ ସଫଳ ହୋଇଛି। ଆମେ ଏହି କ୍ଷେତ୍ରରେ, ଓଡିଶାକୁ ଆଗକୁ ନେବା ପାଇଁ ଭୂମିକା ସୃଷ୍ଟି ଓ କୌଶଳ ବିଭାଗ ଉପରେ ମଧ୍ୟ ଜୋର ଦେଉଛୁ ଏବଂ ଢେକାନାଳ ଜିଲ୍ଲାର ବିଶାଖେଇ ଠାରେ ଏକ ବିଶ୍ୱସ୍ତରୀୟ ବିମାନ ପ୍ରଶିକ୍ଷଣ କେନ୍ଦ୍ର ନିର୍ମାଣ ହେବାକୁ ଯାଉଛି ।ଭୁବନେଶ୍ୱରରେ, ଏକ ରକ୍ଷାଣବେକ୍ଷଣ, ମରାମତି, ପୁନର୍ନିର୍ମାଣ କେନ୍ଦ୍ର ସ୍ଥାପନ ଜରୁଛୁ । ଏହାସହିତ ରାଜ୍ୟର ବିମାନବନ୍ଦରଗୁଡ଼ିକ ପାଇଁ ସରକାର ଏକ Progressive Land Allotment Policy ଆଣିବାପାଇଁ ଯାଉଛନ୍ତି । ଏହାର ଅନୁପାଗେ, ଆମ ବିମାନବନ୍ଦର ମାନଙ୍କ ଭିତରେ ପ୍ଲାଙ୍ଗ୍ ପ୍ରଶିକ୍ଷଣ, ଏୟରକ୍ରି ପ୍ରଶିକ୍ଷଣ, ଓ ବିମାନ କ୍ରାଡ଼ା ଜାର୍ଯ୍ୟକଳାପ ସମ୍ଭବ ହେବ। ବହୁତ ସଂଖ୍ୟକ ପ୍ଲାଙ୍ଗ୍ ପ୍ରଶିକ୍ଷଣ ସଂସ୍ଥାଗୁଡ଼ିକ ଆମ ବିମାନବନ୍ଦରମାନଙ୍କରେ ଏହି କାର୍ଯ୍ୟ କରିବେ। ରାଜ୍ୟରେ ଯେତେ ସବୁ ବ୍ୟବହାର ହେଉନଥିବା ବିମାନ ପଥ (ଏୟାରଷ୍ଟ୍ରିପ) ଅଛି, ସେଗୁଡ଼ିକୁ ସରକାର ବିମାନବନ୍ଦର ରୂପେ ବିକଶିତ କରୁଛନ୍ତି। ଏଭଳି ୧୪ଟି ବିମାନବନ୍ଦର ହେବ ଏବଂ ଯେଉଁ ଜିଲ୍ଲାରେ ବିମାନବନ୍ଦର ନାହିଁ, ସେଠାରେ ସମୁଦାୟ ୧୫ଟି ହେଲିପୋର୍ଟ ସ୍ଥାପନ ପାଇଁ ସରକାର ଜାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।ସେ ପୁଣି କହିଥିଲେଯେ, ଉଡ଼ାନ ଯୋଜନା ପରି ଟ୍ରାନ୍ସଫର୍ମେଟିଭ୍ ପଦକ୍ଷେପକୁ ପ୍ରେରଣା ଦେଇଛି, ଯାହା ସତ୍ୟରେ ଏଭି ଏସନ ?କୁ ଡେମୋକ୍ରେଟାଇଜ୍ କରିଛି ଓ ପୂର୍ବ ଭାରତ ପାଇଁ ନୂଆ ଦିଗନ୍ତ ଖୋଲିଛି। ଏଭିଏସନ୍ ଜେଡଚ ବିମାନବନ୍ଦର ଓ ବିମାନସେବା ପର୍ଯ୍ୟନ୍ତ ସୀମିତ ନୁହେଁ, ଏହା ଆମ ଲୋକଙ୍କର ସ୍ୱପ୍ନକୁ ସୁଯୋଗ ସହିତ ଯୋଡିବା, ଆମର ଅର୍ଥନୀତିକୁ ସଶକ୍ତ କରିବା ଓ ବିକଶିତ ଭାରତ–୨୦୪୭ ର ସ୍ୱପ୍ନକୁ ସାକାର କରିବାର ଏକ ଅନନ୍ୟ ପ୍ରୟାସ। ଆମ ପ୍ରଧାନମନ୍ତ୍ରୀଙ୍କର ଅବିରତ ପ୍ରୟାସ, ୨୦୪୭ ମଧ୍ୟରେ ଏକ ବିକଶିତ ଭାରତ ଗଢ଼ିବା ପାଇଁ, ଆମକୁ ସଦା ଉତ୍ସାହିତ କରୁଛି । ଆମେ ସମସ୍ତେ ମିଶି, ଓଡିଶାର ଜନେକ୍ଟିଭିଟିକୁ ସୁଦୃଢ଼କରିବାରେ, ଓ ଆମର ଲୋକମାନଙ୍କର ଆକାଂକ୍ଷାକୁ ପୂରଣ କରିବାରେ ନିରନ୍ତର ଜମ କରୁଛୁ।

ନବୀନ ନିବାସରେ ରାଜ୍ୟପାଳ

ଭୁବନେଶ୍ୱର: ରାଜ୍ୟ ବିଧାନସଭାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସୁସ୍ଥ ହୋଇ ନବୀନନିବାସକୁ ଫେରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ଭେଟିଥିଲେ। ଆଉ ଏହି କ୍ରମରେ ତାଙ୍କୁ ଭେଟିଛନ୍ତି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି । ନବୀନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି ଓଡ଼ିଶାର ରାଜ୍ୟପାଳ। ଏହି ସମୟରେ ସେ ସାଙ୍ଗରେ ନେଇଥିବା ଫଳ ବି ଭେଟି ଦେଇଛନ୍ତି ନବୀନଙ୍କୁ। ପ୍ରାୟ ୨୦ ମିନିଟ୍ ଧରି ନବୀନଙ୍କ ସହିତ ଆଲୋଚନା କରି ରାଜଭବନ। ନବୀନ ନିବାସରୁ ବାହାରିଥିଲେ। ସୂଚନାଯୋଗ୍ୟ, ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକ ଗତ ୧୭ ତାରିଖ ଦିନ ଡିହାଇଡ୍ରେସନ୍ ଯୋଗୁ ସମ୍ ଅବ୍ଜିମେଟ୍ ମେଡିକେୟାର ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଶୁ ଆରୋଗ୍ୟ କାମନା କରିଥିଲେ।

ଜାତୀୟ ଶିକ୍ଷକ ସମ୍ମାନ ପାଇବେ ବସନ୍ତ କୁମାର ରଣା, ତରୁଣ କୁମାର ଦାଶ

ମାଳକାନଗିରି/କୋରାପୁଟ: ଜାତୀୟ ଶିକ୍ଷକ ସମ୍ମାନ-୨୦୨୫ ପାଇଁ ତାଲିକା ପ୍ରକାଶ ପାଇଛି । ଏହି ତାଲିକାରେ ଓଡ଼ିଶାର ଦୁଇ ଜଣ ଶିକ୍ଷକଙ୍କୁ ସାମିଲ କରାଯାଇଛି । ସେମାନେ ହେଲେ ମାଳକାନଗିରିର ଶିକ୍ଷକ ବସନ୍ତ କୁମାର ରଣା ଓ କୋରାପୁଟ ଜିଲ୍ଲାର ତରୁଣ କୁମାର ଦାଶ । କୋଷ୍ଟେଲ ନୂତନ ସରକାରୀ ଉଚ୍ଚବିଦ୍ୟାଳୟର ଶିକ୍ଷକତା କରୁଛନ୍ତି ବସନ୍ତ । ସେହିପରି କୋରାପୁଟ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଶିକ୍ଷକ ଅଛନ୍ତି ତରୁଣ । ଆସନ୍ତା ଗୁରୁଦିବସରେ ରାଷ୍ଟ୍ରୟକୁ ରାଷ୍ଟ୍ରପତି ସମ୍ମାନିତ କରିବେ। ଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ହେବ ଏହି ସମାରୋହ । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର କୁନି କୁନି ପିଲାଙ୍କୁ ଉଚ୍ଚ ପାଇଥିବା ଶିକ୍ଷକ ଓ ଶିକ୍ଷାବୃତ୍ତି ରାତେ ବାଛି ନେଇଥିବା ଶିକ୍ଷକ ବସନ୍ତ କୁମାର ରଣା ୨୦୨୫ ମସିହା ପାଇଁ ପାଇବେ ଜାତୀୟ ଶିକ୍ଷକ ପୁରସ୍କାର। ମାଳକାନଗିରି ଜିଲ୍ଲାର କଦଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଉତ୍ତାପ୍ରାପ୍ତ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରତ ବସନ୍ତ କୁମାର ରଣା ଚଳିତ ବର୍ଷ ପାଇଁ ଜାତୀୟ ଶିକ୍ଷକ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି । ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ସଦା ସର୍ବଦା ଚେଷ୍ଟିତ ଏହି ଶିକ୍ଷକ ଛାତ୍ରଛାତ୍ରୀମାନଙ୍କ ପାଇଁ ଉତ୍ସର୍ଗୀକୃତ । ସେ ଏହି ପୁରସ୍କାର ପାଇଁ ୫୦୦୦୦ ଅର୍ଥ ରାଶି ଓ ମାନ ପତ୍ର ୫ ସେପ୍ଟେମ୍ବର ୨୦୨୫ ଦିନ ନୂଆଦିଲ୍ଲୀର ବିଜ୍ଞାନ ଭବନ ଠାରେ ଗ୍ରହଣ କରିବେ। ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ମାଳକାନଗିରିର ତିନ ଗଞ୍ଜନ ପାଣିସ୍ତାହା ଉକ୍ତ ଶିକ୍ଷକଙ୍କୁ ଅଭିନନ୍ଦନ ଓ ଶୁଭକାମନା ଜଣାଇଛନ୍ତି ।ମାଳକାନଗିରିର ଶିକ୍ଷକ ବସନ୍ତ କୁମାର ରଣା ଓ କୋରାପୁଟ ଜିଲ୍ଲାର ତରୁଣ କୁମାର ଦାଶ । କୋଷ୍ଟେଲ ନୂତନ ସରକାରୀ ଉଚ୍ଚବିଦ୍ୟାଳୟର ଶିକ୍ଷକତା କରୁଛନ୍ତି ବସନ୍ତ ।

ନିଶା ମୁକ୍ତି ପାଇଁ ବଡ଼ ପଦକ୍ଷେପ: ଜୋରଦାର କରାଯିବ ବ୍ରାଉନସୁଗାର ଧରପଗଡ଼

ଭୁବନେଶ୍ୱର: ଡେଆଇନ୍ ମାଦକ ଦ୍ରବ୍ୟ ଚୋରାଚାଲାଣ ଏବଂ ନିଶା ଦ୍ରବ୍ୟ ରୋକିବା ସଂପର୍କରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି। ଏ ସଂପର୍କରେ ମୁଖ୍ୟ ଶାସନ ସଚିବ ଲୋକସେବା ଭବନରେ ଆଜି ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ରାଜ୍ୟର ସ୍ଥିତି ଅନୁଧ୍ୟନ କରିଥିଲେ।ବୈଠକରେ ଅବକାରୀ ବିଭାଗ ପ୍ରମୁଖ ଶାସନ ସଚିବ ଉଷ୍ମଳ ଜ୍ୟୋତି ଶର୍ମା ୨୦୨୫ ବର୍ଷ ଜୁଲାଇ ମାସ ଶେଷ ସୁଦ୍ଧା ତଥା ଅଦ୍ୟାବଧି ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସଂପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ବୈଠକରେ ଅବକାରୀ ବିଭାଗ, ପୁଲିସ୍ ପ୍ରଶାସନ, ଉଚ୍ଚ ଶିକ୍ଷା ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବ ଏବଂ ସଂପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।ସମୀକ୍ଷାରେ ମୁଖ୍ୟ ଶାସନ ସଚିବ ବିଶେଷ ଜରି ବିଦ୍ୟାଳୟ, ମହାବିଦ୍ୟାଳୟ ପରିସର ଏବଂ ସଂଲଗ୍ନ ଅଂଚଳରେ ଡେଆଇନ୍ ନିଶାଦ୍ରବ୍ୟ ବିକ୍ରୟ, ସେବନ ଓ କାରବାର ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଛାତ୍ରଛାତ୍ରୀଙ୍କ ପାଇଁ ସବୁ ବିଦ୍ୟାଳୟ ମହାବିଦ୍ୟାଳୟରେ ରହି ପି ଜ୍ୟାମସ (ନିଶଦ୍ରବ୍ୟ ମୁକ୍ତ ପରିସର) ଜରିବା ପାଇଁ ସଚେତନ କରାଯିବା ସହିତ ନିରାପଦ ଶିକ୍ଷା ପରିବେଶ ସୃଷ୍ଟି ପାଇଁ ଜିଲ୍ଲା ଟଲେରାନ୍ସ ନୀତି ପ୍ରତି ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି। ସେଥିପାଇଁ ପିତାମାତା ଶିକ୍ଷକ, ଶିକ୍ଷୟିତ୍ରୀ, ପ୍ରଧାନଶିକ୍ଷକ, ପ୍ରଧାନଶିକ୍ଷୟିତ୍ରୀ, ଅଧ୍ୟାପକ, ଅଧ୍ୟାପିକା, ଅଧକ୍ଷ ଅଧ୍ୟକ୍ଷାମାନଙ୍କ ସହିତ ପୁଲିସ ପଦାଧିକାରୀମାନେ ମିଳିତ ଭାବେ ଆଲୋଚନା କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିବାକୁ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରି କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।ପୁଲିସ ପ୍ରଶାସନ, ଅବକାରୀ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚ ଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ଏବଂ ଅନ୍ୟ ସମ୍ପୃକ୍ତ ବିଭାଗ ଜିଲ୍ଲାପାଳଙ୍କ ମିଳିତ ସହଯୋଗରେ ଟାସ୍କ ଫୋର୍ସ ମାଧ୍ୟମରେ ବ୍ୟାପକ ଚଢ଼ାଉ ଓ ସଚେତନତାକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟାଳୟ, ମହା ବିଦ୍ୟାଳୟ ପରିସର ଓ ସଂଲଗ୍ନ ଅଂଚଳରେ ସଚେତନତା ପାଇଁ ସୂଚନା, ଶିକ୍ଷା, ଯୋଗାଯୋଗ କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ପରାମର୍ଶ ଦିଆଯାଇଛି। ନିଶା ସେବନ ପ୍ରତି ଅହେତୁକ ଆକର୍ଷଣ ଯୁବ ବର୍ଗଙ୍କୁ ଗରାଜ ଷତି ପହଁଚାଉଛି। ଏହା ସାମାଜିକ, ଆଇନଶୃଙ୍ଖଳା ଓ ରାଜ୍ୟର ଅର୍ଥନୈତ

'ବିଳାସମୟ ଜାହାଜ'ରେ ରହିବାକୁ ସର୍ବସ୍ୱ ବିକିଦେଲେ ଦମ୍ପତି

ସୁନଗାଗଠାରୁ ଜଳଭାଗରେ ରହିବା ଶସ୍ତା ବୋଲି କହି ଆମେରିକାର ଫ୍ଲୋରିଡା ପ୍ରଦେଶର ଏକ ଦମ୍ପତି ୩ୀ ବର୍ଷ ହେବ ସମସ୍ତ ସମ୍ପତ୍ତି ବିକ୍ରୟ କରି ବିଳାସମୟ ଜାହାଜ ବା 'କ୍ରୁଜ୍'ରେ ବାସ କରୁଥିବା କଥା 'ନ୍ୟୁୟର୍କ ଟାଇମ୍ସ୍' ରିପୋର୍ଟ କରିଛି । ରିପୋର୍ଟରେ ଉଲ୍ଲେଖ ଅଛି, ଜଳପଥରେ ବିଶ୍ୱ ପରିକ୍ରମା କରିବା ଲାଗି ଜନ୍ ଓ ମେଲୋଡି ହେନିସି ନାମକ ସେ ଦମ୍ପତି ୨୦୨୦ରେ ଘରଦ୍ୱାରା, ବ୍ୟବସାୟ ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରୟ କରି ଦେଇଛନ୍ତି । ଆମେରିକା ଭ୍ରମଣ କରିବା ଲାଗି ସେ ଦମ୍ପତି ଗୋଟାଏ 'ମୋଟର ହୋମ୍' ବା 'ଗାଡ଼ିଘର' କିଣିଥିଲେ । କିନ୍ତୁ, ସେ 'ଗାଡ଼ିଘର'ରୁ ତଳାଉ ତଳାଉ ହେନିସି କ୍ଲାନ୍ତ ହୋଇପଡ଼ିବାରୁ ସମୁଦ୍ର ପଥରେ ଭ୍ରମଣ କରିବାକୁ ଦୁହେଁ ସ୍ଥିର କଲେ । ସେହି ସମୟରେ ଦୁହେଁ 'ଫେସ୍‌ବୁକ୍'ରେ 'ରୟାଲ୍ କ୍ୟାରିବିୟାନ୍'ର ୨୭୪ ଦିନିଆ ଭ୍ରମଣ ବିଜ୍ଞାପନ ଦେଖି ତା'ର ସୁଯୋଗ ନେଲେ । ସେଥିରେ ତୁରନ୍ତ ନାମ ପଞ୍ଜୀକରଣ କରାର ଦୁହେଁ ସମସ୍ତ ବିଶ୍ୱ ପରିକ୍ରମା କରିସାରିଲେଣି । ଏଯାବତ୍ ସେମାନେ ଅଷ୍ଟ୍ରେଲିଆ, ନିଉଜିଲାଣ୍ଡ ଏବଂ ଦକ୍ଷିଣ ପ୍ରଶାନ୍ତ ମହାସାଗରୀୟ ଅଂଚଳ ଅଧିକାଂଶ ସ୍ଥାନ ଭ୍ରମଣ କରି ସମ୍ପ୍ରତି ଡୋମିନିକା ଦ୍ୱୀପ ଆଡ଼କୁ ଅଗ୍ରସର ହେଉଛନ୍ତି । ସେମାନଙ୍କ ମତରେ ଏବେ ଜୀବନଯାପନ ପାଇଁ କମ୍ ଖର୍ଚ୍ଚ ପଡୁଛି । 'ଫ୍ଲାଏ ନିଉଜ୍'କୁ ହେନିସି କହିଛନ୍ତି, ଏବେ ଆମ ପାଖକୁ କେବଳ ଟେଲିଫୋନ୍ ବିଲ୍, ଜାହାଜଯାତ୍ରା ବାବଦ ବିଲ୍ ଓ ସୁଇଟ୍‌ରାଗକୁ ଉଠିଲେ ଅଳ୍ପ ପରିମାଣର 'ଫ୍ରେଟିଟ୍ ଚାର୍ଜ' ବିଲ୍ ଆସୁଛି । ହିସାବ କରି ଦେଖିଲେ, ସୁଇଟ୍‌ରାଗରେ ରହିବା କେଳେ ଯେତେ ଖର୍ଚ୍ଚ ହେଉଥିଲା ଏବେ ତା'ର ଅଧା ଖର୍ଚ୍ଚ ହେଉଛି ।

ଖଲନାୟିକା ଭୂମିକାରେ ଶ୍ରୁତି ହାସନ

ସାଉଥ୍ ଅଭିନେତ୍ରୀ ଶ୍ରୁତି ହାସନଙ୍କ ସୁନ୍ଦରତାକୁ ନେଇ ଖୁବ୍ ଚର୍ଚ୍ଚା । ବଲିଉଡ୍ ସହ ଟଲିଉଡ୍‌ରେ ବି କରୁଛନ୍ତି ଫିଲ୍ମ । ତାଙ୍କ ଅଭିନୟ ଜରିଆରେ ସମସ୍ତଙ୍କର ହୃଦୟରେ ରାଜ କରିଛନ୍ତି । ବର୍ତ୍ତମାନ ଅଭିନେତ୍ରୀଙ୍କ ବିଷୟରେ ଏକ ଖବର ଆସୁଛି । ଯାହାକୁ ନେଇ ହେଉଛି ଖୁବ୍ ଆଲୋଚନା । ସେ କୁଆଡେ ତାଙ୍କ ପ୍ରେମିକ ଶାନ୍ତନୁ ହଜାରିକାଙ୍କୁ ବିବାହ କରିଛନ୍ତି । ଉଭୟ କିଛି ସମୟ ହେବ ଏକ ଲିଭ୍-ଇନ୍ ରିଲେସନସିପରେ ରହୁଥିଲେ ଏହି ଖବର ଆସିବା ପରେ ତାଙ୍କ ଫ୍ୟାନ୍ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । ସୂତନା ମୁତାବକ, ଓରି ରେଡ୍ଡିଟ୍‌ରେ 'ଆଜ ମି ଏନିଥିଙ୍ଗ' ସେସନ୍ ହୋଇଥିଲା । ଏହି ସେସନ୍‌ରେ ଲୋକମାନେ ତାଙ୍କୁ ଅନେକ ପ୍ରଶ୍ନ ପଚାରିଥିଲେ, ଏଥିରେ ଜଣେ ଫ୍ୟାନ୍ ଓରିକୁ ପଚାରିଥିଲେ କି ଏପରି କୌଣସି ସେଲିବ୍ରିଟି ଅଛନ୍ତି ଯିଏ ନିକଟରେ ଆପଣଙ୍କ ସହ ଫୋନ୍ ଦେବାକୁ ମନା କରି ଦେଇଛନ୍ତି ? ଓରି ଏହି ପ୍ରଶ୍ନର ଉତର ଜହିଥିରେ ଯେ ଶ୍ରୁତି ହାସନ ତାଙ୍କ ସହ ଫୋନ୍ ଦେବାକୁ ମନା କରିଥିଲେ । ଓରି ଆହୁରି କହିଛନ୍ତି ଯେ ଶାନ୍ତନୁ ଶ୍ରୁତିଙ୍କ ସ୍ୱାମୀ । ଶ୍ରୁତି ବିବାହ କରିସାରିଛନ୍ତି, ହେଲେ ସେହି ପାର୍ଟିରେ ତାଙ୍କ ବ୍ୟବହାର ମୋତେ କହୁତ ଖରାପ ଲାଗିଲା' । କିନ୍ତୁ ଲାଗୁଥିବା ବୋଧ ହୁଏ କିଛି ଭୁଲ ବୁଝାବଣା ହୋଇଯାଇଛି । କାରଣ ମୁଁ ଶ୍ରୁତିଙ୍କ ସ୍ୱାମୀ ମୋ ସହ ଭଲ ବ୍ୟବହାର କରିଥିଲେ । ଏହା ଶୁଣିବା ମାତ୍ରେ ଶ୍ରୁତିଙ୍କ ଫ୍ୟାନ୍ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଏହାକୁ ନେଇ ଜଣେ ଫ୍ୟାନ୍ ଲେଖିଛନ୍ତି, 'ସେ ବିବାହିତ ଜି ' । ଅନ୍ୟ ଜଣେ ଲେଖିଛନ୍ତି 'ଶ୍ରୁତି ଏପର୍ଯ୍ୟନ୍ତ ବାହା ହୋଇନାହାନ୍ତି' । ଏହି ପରି ଅନେକ ପ୍ରଶ୍ନ ଆସିଛି । ତେବେ ଏହି କଥାର ସତ୍ୟ କେତେ, ତାହା ଏପର୍ଯ୍ୟନ୍ତ ବି ସାମ୍ନାକୁ ଆସିନାହିଁ ।

'ମୋ ଗୁରୁ ସଲମାନ'

ତେଜି ଶାହ ଏଭଳି ଜଣେ ଅଭିନେତ୍ରୀ, ଯିଏ ଫିଟ୍‌ନେସ୍ ମାମଲାରେ ଅନେକ ସେଲିବ୍ରିଟିଙ୍କଠୁ ଆଗୁଆ । ବଲିଉଡ୍‌ରେ ସଲମାନ ଖାନ୍‌ଙ୍କ ଭଳି ଅଭିନେତାଙ୍କ ସହ ସ୍କ୍ରିନ୍ ସେୟାର କରିବା ପରେ ତେଜି ଏବେ ଡିଜିଟାଲ ଦୁନିଆରେ ପାଦ ଥାପିବାକୁ ଯାଉଛନ୍ତି । ଏକ ଉଣମାଧମ ସହ ବାର୍ତ୍ତାଳାପରେ ସେ ନିଜ ଫିଟ୍‌ନେସ୍ ବିଷୟରେ ଆଲୋଚନା କରିଛନ୍ତି । ସେ ଫିଟ୍ ରହିବାକୁ ନିଜକୁ କେତେ ସମୟ ଦିଅନ୍ତି, ଖାଦ୍ୟପେୟ ଉପରେ କିଭଳି ଧ୍ୟାନ ଦିଅନ୍ତି ଏବଂ ଫିଟ୍‌ନେସ୍ ମାମଲାରେ ତାଙ୍କ ରୋଲ୍ ମଡେଲ କିଏ, ସେ ବିଷୟରେ ତେଜି ଖୋଲା କଥା ହୋଇଛନ୍ତି । ତେଜି ଆରମ୍ଭରୁ ଜଣେ ନୃତ୍ୟଶିଳ୍ପୀ ଥିଲେ । କୋରିଓଗ୍ରାଫର ଶବିନା ଖାନ୍ ତାଙ୍କ ପ୍ରତିଭାକୁ ଚିହ୍ନି ତାଙ୍କୁ ନୃତ୍ୟ ତାଲିମ ଦେଇ । ଏହା ପରେ ତେଜି ତାଙ୍କର ଆସିଷ୍ଟାଂଟ୍ ଭାବେ ବିଭିନ୍ନ ସ୍ଥାନରେ ନିଜ ନୃତ୍ୟ ପ୍ରତିଭା ପ୍ରଦର୍ଶନ କଲେ । ସଂଘର୍ଷ ଦିନମାନଙ୍କରେ ଜିନ୍ତୁ ସେ ନୃତ୍ୟକୁ କଦାପି ଫିଟ୍‌ନେସ୍ ଦୃଷ୍ଟିରୁ ଦେଖୁନଥିଲେ । ଏହାକୁ ଟେବନ ଆୟର କରିଆ ଭାବେ ଦେଖୁଥିଲେ । ଏବେ କିନ୍ତୁ ତାଙ୍କ ଧାରଣା ବଦଳିଛି । ନୃତ୍ୟକୁ ସେ ନିଜର ଏକମାତ୍ର ଫିଟ୍‌ନେସ୍ ମନ୍ତ୍ର ବୋଲି ବିଶ୍ୱାସ କରନ୍ତି । ତେଜି ନିଜ ଫିଟ୍‌ନେସ୍ ପଛର ରାଜ କହିଛନ୍ତି । ସଲମାନଙ୍କ ବ୍ୟକ୍ତିଗତ ଟ୍ରେନର ରାକେଶ ଉତ୍ତିୟାର ଗତ ୯ ବର୍ଷ ହେଲା ଫିଟ୍‌ନେସ୍ ମାମଲାରେ ତେଜିଙ୍କ ମାର୍ଗଦର୍ଶନ କରୁଛନ୍ତି । ସେତିକି ନୁହେଁ, ସଲୁ ନିଜେ ତେଜିଙ୍କ ଜସରତ ରୁଟିନ୍ ଉପରେ ବେଳେବେଳେ ନଜର ପକାନ୍ତି । ନିଜକୁ ଫିଟ୍ ରଖିବାକୁ ଯୋଗ, ପ୍ରାଣାୟାମ ସାଙ୍ଗକୁ ଜିମ୍‌ରେ ଖୁବ୍ ଘାଳ ବୁହାଉଛନ୍ତି ତେଜି । ଏ ସବୁ ପାର୍ଟ ସେ ସଲମାନଙ୍କୁ ନିଜର ପ୍ରେରଣା ବୋଲି କହନ୍ତି ।

କମାଲ ଆର୍ ଖାନ୍ ଗିରଫ

ସିନେମା ଅଭିନେତା ତଥା ନିର୍ଦ୍ଦେଶକ କମାଲ ଆର୍ ଖାନ୍‌ଙ୍କୁ ୨୦୧୬ର ଏକ ପୁରୁଣା ମାମଲାର ଗିରଫ କରିଛି ମୁମ୍ବାଇ ପୁଲିସ । ଏନେଇ ଖାନ୍ ସୋମବାର ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି । ଏଥିସହିତ ସେ ଫ୍ୟାନ୍‌ଙ୍କ ଉଦ୍ଦେଶ୍ୟରେ କହିଛନ୍ତି ଯେ ଯଦି ତାଙ୍କର ମୃତ୍ୟୁ ହୁଏ ତେବେ ତାଙ୍କୁ ହତ୍ୟା କରାଯାଇଛି ବୋଲି ଲେଖି ଭାବିବେ । କମାଲ ତାଙ୍କ ପୋଷ୍ଟରେ କହିଛନ୍ତି ଯେ ସେ ଦୁବାଇ ଯାଉଥିବା ବେଳେ ମୁମ୍ବାଇ ଏୟାରପୋର୍ଟରେ ତାଙ୍କୁ ଗିରଫ କରାଯାଇଛି । ଏହେଇ ସେ କହିଛନ୍ତି "ମୁଁ ଗତ ବର୍ଷେ ପାଇଁ ମୁମ୍ବାଇରେ ରହୁଛି । ଏବଂ ମୁଁ ମୋର ସମସ୍ତ କୋର୍ଟ ତାରିଖରେ ନିୟମିତ ଯୋଗଦେଉଛି । ନୂଆ ବର୍ଷ ପାଇଁ ମୁଁ ଆଜି ଦୁବାଇ ଯାଉଥିଲି । କିନ୍ତୁ ବିମାନବନ୍ଦରରେ ମୁମ୍ବାଇ ପୋଲିସ ମୋତେ ଗିରଫ କରିଛି । ପୋଲିସର କହିବାନୁସାରେ, ୨୦୧୬ ମାମଲାରେ ମୋତେ ଗିରଫ କରାଯାଇଛି । ସଲମାନ ଖାନ କହୁଛନ୍ତି ଯେ ତାଙ୍କ ଫିଲ୍ମ ଟାଇଗର-୩ ମୋ ଫ୍ଲପ ହୋଇଛି । ଯଦି ମୁଁ ପୋଲିସ ଷ୍ଟେସନରେ କିମ୍ବା ଜେଲରେ କୌଣସି ପରିସ୍ଥିତିରେ ମରିଯାଏ, ତେବେ ଆପଣମାନେ ସମସ୍ତେ ଜାଣିବେ ଯେ ଏହା ଏକ ହତ୍ୟା । ଏବଂ ଆପଣ ସମସ୍ତେ ଜାଣନ୍ତି ଯେ ଏଥିପାଇଁ କିଏ ଦାୟୀ ହେବେ ।" ସୂଚନା ଥାଉକି ୨୦୨୨ରେ କମାଲ ଖାନ୍‌ଙ୍କ ଦୁଇଥର ଗିରଫ କରାଯାଇଛି । ଦିବଗତ ଅଭିନେତା ଇର୍ଫାନ୍ ଖାନ୍ ଓ ଋଷି କପୁରଙ୍କ ବିରୋଧରେ ସୋସିଆଲ୍ ମିଡିଆରେ ବିବାଦୀୟ ବୟାନ ଦେଇ ପ୍ରଥମେ ଗିରଫ ହୋଇଥିବା ବେଳେ ନିଜର ଫିଟ୍‌ନେସ୍ ଟ୍ରେନରଙ୍କୁ ଯୌନ ନିର୍ଯାତନା ଦେଇ ଦ୍ୱିତୀୟ ଥର ଗିରଫ ହୋଇଥିଲେ ।

ଝିଅକୁ ସାମ୍ନାକୁ ଆଣିଲେ ଆଲିଆ-ରଣବୀର

ପୂରା ହେଲା ଫ୍ୟାନ୍‌ଙ୍କ ଇଚ୍ଛା । ମିଳିଲା ଆଲିଆ ଭଟ-ରଣବୀର କପୁରଙ୍କ ଝିଅ ରାହାଙ୍କ ପ୍ରଥମ ଝଲକ । ଖ୍ରୀଷ୍ଟମସ ଅବସରରେ ରାହାକୁ ପ୍ରଥମ ଥର ଦେଖିବାକୁ ମିଳିଛି । ଆଉ ପ୍ରଥମ ଥର ରାହାକୁ ଦେଖି ଫ୍ୟାନ୍‌ମାନେ ମଧ୍ୟ ଖୁବ୍ ଖୁସି ପ୍ରକାଶ କରିଛନ୍ତି । ପ୍ରକୃତରେ ରଣବୀର ଏବଂ ଆଲିଆଙ୍କ ଏକ ଭିଡିଓ ସାମ୍ନାକୁ ଆସିଛି ଯେଉଁଥିରେ ତାଙ୍କ ସହ ରାହା ମଧ୍ୟ ନଜର ଆସିଛନ୍ତି । ପ୍ରାୟ ଏକ ବର୍ଷରୁ ଅଧିକ ସମୟରୁ ଫ୍ୟାନ୍ ରାହାଙ୍କ ଚେହେରା ଦେଖାଇନଥିଲେ । କିନ୍ତୁ ଖ୍ରୀଷ୍ଟମସ ଅବସରରେ ରାହାକୁ କ୍ୟାମେରା ସାମ୍ନାରେ ଆଣି ଫ୍ୟାନ୍‌ଙ୍କୁ ଖୁବ୍ ସରପ୍ରାଇଜ ମିଳିଛି । ଫ୍ୟାନ୍‌ମାନେ ରାହା କ୍ୟୁଟ୍ ଚେହେରା ଦେଖି ବେଶ୍ ଖୁସି ହୋଇଛନ୍ତି । ରାହାଙ୍କ ନୀଳ ରଙ୍ଗର ଆଖିକୁ ନେର ରାଜ କପୁରଙ୍କ କଥା ମନେରପକାଇଛନ୍ତି ଫ୍ୟାନ୍ । ଆହୁରି ମଧ୍ୟ ଅନେକ ଉଷ୍ଟିଙ୍କ ସହ ମଧ୍ୟ ତାଙ୍କର ତୁଳନା କରୁଛନ୍ତି । ତେବେ ସେ ଯାହାବି ହେଉ ଫ୍ୟାନ୍‌ମାନେ ରାହାଙ୍କ ଝଲକ ଦେଖି ବେଶ୍ ଖୁସି ହୋଇଛନ୍ତି । ରାହା ଦେଖିବାକୁ ମଧ୍ୟ ବହୁତ କ୍ୟୁଟ୍ ଏବଂ ତାଙ୍କର ଏହି ଝଲକରୁ ଏହା ସ୍ପଷ୍ଟ ଯେ, ଆଗାମୀ ସମୟରେ ସେ ମଧ୍ୟ ସୋସିଆଲ ମିଡିଆରେ ଖୁବ୍ ଲୋକପ୍ରିୟ ହେବେ । ରାହାଙ୍କ ଜନ୍ମ ୨୦୨୨ ନଭେମ୍ବର ୬ରେ ହୋଇଥିଲା ।

ଐତିହ୍ୟ ସାଲେଭଟା ମା ପାଟଣେଶ୍ୱରୀ ମନ୍ଦିର ପର୍ଯ୍ୟଟନ ସ୍ଥଳି ମାନ୍ୟତା ସୌନ୍ଦର୍ଯ୍ୟକରଣ ପାଇଁ ଅନୁଦାନ ଦାବି ପାଇଁ ବୈଠକ

ବଲାଙ୍ଗୀର, : ଐତିହାସିକ ସାଲେଭଟା ୨୬ଟା ଗଡ଼ ମଧ୍ୟରୁ ପାଟଣା ଶାସନ ସମୟ ଗଡ଼ ମଧ୍ୟରେ ବେଶ ଗାଁ ପରିଚିତ। ଗୋଟିଏ ମନ୍ଦିରରେ ମା' ପାଟଣେଶ୍ୱରୀ ଓ ମା' ସମଲେଶ୍ୱରୀ ୧୫୦୦ ଖ୍ରୀଷ୍ଟାବ୍ଦ ରାଜା ବଳରାମ ଦେବଙ୍କ ଅମଳରୁ ଏହି ମନ୍ଦିରଟି ସ୍ଥାପନ ହୋଇଥିଲା। ଏହାର ସୌନ୍ଦର୍ଯ୍ୟକରଣ ଓ ଐତିହ୍ୟ ଗରିମା ବଖାଣୁଥିବା ସେ ସମୟର ପାଟଣା ଓ ସମଲପୁର ଅଂଚଳ ଭାଗ ହୋଇଥିଲା। ପାଟଣାମୁହାଁ ହୋଇଥିଲେ ମା' ପାଟଣେଶ୍ୱରୀ ଓ ସମଲପୁର ମୁହାଁ ହୋଇଥିଲେ ମା' ସମଲେଶ୍ୱରୀ। ଏହା ଇତିହାସରେ ବେଶ୍ ଲିପିବଦ୍ଧ ହୋଇରହିଛି। ଏହାର ସୁରକ୍ଷା ପାଇଁ ୨୧ ତାରିଖ ଦିନ ମନ୍ଦିର କମିଟିର ସଦସ୍ୟ ଓ ଦେବାଳୟ ସୁରକ୍ଷା କମିଟି ସହ ଏକ ବୈଠକ ହୋଇଥିଲା। ଏହି ବୈଠକରେ ରାଜ୍ୟ ସରକାର ଐତିହ୍ୟ ପାଠ ଓ ଓଡ଼ିଶା ଅସ୍ମିତା ପାଇଁ ବିଭିନ୍ନ ଯୋଜନା କରୁଥିବାବେଳେ ପାଶ୍ୱର୍ରେ ଗାଇଖାଇ ଡ୍ୟାମ ଓ ମା' ଚଣ୍ଡି ମନ୍ଦିର ଥିବାବେଳେ ଏହା ମନ୍ଦିରର ଗରିମା ପର୍ଯ୍ୟଟନ ମାନ୍ୟତା ପାଇଲେ ବେଶ ବଢ଼ିବ। ଏନ୍ଏଚ୍ ୨୬ ଯାଉଥିବା ରାଜପଥରେ ଗ୍ରାମ ରାସ୍ତାରେ ମନ୍ଦିର ସୂଚନା ଫଳକ ଏବଂ ମନ୍ଦିର ସୌନ୍ଦର୍ଯ୍ୟକରଣ ପାଇଁ ୫୦ଲକ୍ଷ ଟଙ୍କା ଦାବି କରିଛନ୍ତି। ଆଗାମୀ ଦିନରେ ବଲାଙ୍ଗୀର ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀ, ଉପ-ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ସାଂସଦଙ୍କୁ ଦାବି କରିବେ ବୋଲି ବୈଠକରେ ନିଷ୍ପତି ହୋଇଥିଲା।

ଲାଞ୍ଜିଗଡ ସ୍ଥିତ ବେଦାନ୍ତ ଶିଳ୍ପକୁ ସ୍ଥାନୀୟ ବକ୍ସାଇଟ ଖଣିରୁ କଞ୍ଚାମାଲ ଯୋଗେଇ ଦିଆଯିବା ଦାବିରେ ସ୍ଥାନୀୟ ବାସିନ୍ଦାଙ୍କ ପଦଯାତ୍ରା

କଳାହାଣ୍ଡି, : କଳାହାଣ୍ଡି ଲାଞ୍ଜିଗଡ ଠାରେ ଆଜି ସକାଳ ୧୦ ଘଣ୍ଟା ସମୟରେ ଲାଞ୍ଜିଗଡ ସହରର ଆଶ୍ରମପଡା ଠାରୁ ଲାଞ୍ଜିଗଡ ବ୍ଲକ ଅଞ୍ଚଳର ହଜାର ହଜାର ପୁରୁଷ ମହିଳା ପ୍ରାୟ ତିନି କିଲୋମିଟର ରାସ୍ତା ପଦଯାତ୍ରା ପରେ ଲାଞ୍ଜିଗଡ ସ୍ଥିତି ସାପ୍ତାହିକ ହାଟପଦା ପଡିଆରେ ଠାରେ ବିଶାଳ ସମାବେଶ ହୋଇଥିଲା ଏହି ସଭାରେ ବୋହୁ ମାତ୍ରାରେ ସ୍ଥାନୀୟ ବାସିନ୍ଦାଙ୍କ ଗହଳି ହୋଇଥିଲା ଓ ଏହି ପଦଯାତ୍ରା କାର୍ଯ୍ୟକ୍ରମ ଟି କୁ ଲାଞ୍ଜିଗଡ ଆଞ୍ଚଳିକ ବିକାଶ ପରିଷଦର ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା,ତାପରେ ଅଞ୍ଚଳ ବାସୀ ଯାଇ ଲାଞ୍ଜିଗଡ ଥାନାରେ ପହଞ୍ଚିଥିଲେ ସେଠାରେ ଲାଞ୍ଜିଗଡ ତହସିଲଦାର ଶ୍ରୀ ବନମାଳୀ ମେହେର, ଲାଞ୍ଜିଗଡ ବିଡ଼ିଓ ଶ୍ରୀ ସଂସାଙ୍କ ପାତ୍ର, କେସିଙ୍ଗା ଏସ୍ଡିପିଓ ଶ୍ରୀ ସନ୍ଦୀପ ମାଝୀ, ଲାଞ୍ଜିଗଡ ଆଇ ଆଇ ସି ଶ୍ରୀ ଜିତେନ୍ଦ୍ର ବିଶ୍ୱାଳଙ୍କ ଜରିଆରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ପାଖକୁ ସ୍ଥାନୀୟ ବକ୍ସଓଇଡ୍ ଖଣିରୁ କଞ୍ଚାମାଲ ଯୋଗେଇଦେବା ପାଇଁ ଦାବି ପତ୍ର ପ୍ରଦାନ କରିଥିଲେ ଓ ଲାଞ୍ଜିଗଡ ଠାରେ ଶିଳ୍ପ ହୋଇ ୨୨ବର୍ଷ ପୁରିଗଲା କିନ୍ତୁ ଲାଞ୍ଜିଗଡ ଶିଳ୍ପର ନିଜସ୍ୱ ବୋଲି ଖଣି ନାହିଁ ଓ କଞ୍ଚାମାଲ ବକ୍ସଓଇଡ୍ ପାଇଁ କମ୍ପାନୀ ବିଦେଶରୁ ଆଣି ନିଜର ଶିଳ୍ପକୁ ଆଜିକୁ ୨୨ ହେଲା ଚଳେଇଆସୁଅଛି କିନ୍ତୁ ଲାଞ୍ଜିଗଡ ଶିଳ୍ପକୁ କେନ୍ଦ୍ର ସରକାର ହୋଉ ବା ରାଜ୍ୟ ସରକାରଙ୍କ ସମସ୍ତ କଥା ଜାଣି ମଧ୍ୟ ଲାଞ୍ଜିଗଡ ଶିଳ୍ପକୁ ଅନୁକମ୍ପା ଦେଖେଇବାରେ ବିଳମ୍ବ କରୁଛନ୍ତି ଯାହା ଫଳରେ ଲାଞ୍ଜିଗଡ ଲାଞ୍ଜିଗଡ ଶିଳ୍ପ କେତେବେଳେ ବେଳେ ବନ୍ଦ ହୋଇଯିବ ତାହା କହି ହେବ ନାହିଁ ଓ ତେଣୁ ଲାଞ୍ଜିଗଡ ସ୍ଥାନୀୟ ଅଞ୍ଚଳ ବାସୀ ଗୋଟିଏ ଦେବି ଯେ ନିଜ ଅଞ୍ଚଳର କୌଣସି ବାକ୍ସଇଡ୍ ଖଣି କଞ୍ଚାମାଲ ପାଇଁ ଯୋଗେଇ ଦିଆଯାଉ ବୋଲି ଜନସାଧାରଣଙ୍କ ଦାବି ଉଠିଛି ଓ

ଯଦି ଏଇ ଲାଞ୍ଜିଗଡ ଶିଳ୍ପ କାଲି ଦୁଇ ପ୍ରହରରେ ବନ୍ଦ ଏଠାର ସମସ୍ତ କମ୍ପାନୀ ଭିତରେ ପାଞ୍ଚ ଲକ୍ଷ୍ୟ ଲୋକ କାମ କରି ଦୁଇ ପଇସା ରୋଜଗାର କରୁଥିବା ବ୍ୟକ୍ତି ଶେଷରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯିବ କିନ୍ତୁ ସେ ଯେତେବେଳେ ନିଜ ଗ୍ରାମକୁ ଫେରି ଆସିବ ସେତେବେଳେ ସେ ନ ଆସି ତାରି ମୃତ୍ ଦେହ ନିଜ ଘରକୁ ଫେରି ଆସିବ ତେଣୁ ଲାଞ୍ଜିଗଡ ଅଞ୍ଚଳ ବାସୀଙ୍କ ଗୋଟିଏ ଦାବିଯେ ଆମକୁ ଆମର ନିଜସ୍ୱ ଖଣି ଆମକୁ ଦିଆଯାଉ ଓ ଆମର ସ୍ଥାନୀୟ ଖଣି ଆମକୁ ଯଥାଶୀଘ୍ର ନ ଦିଆଯାଏ ତେବେହେଲେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ, ରାୟଗଡା ଜିଲ୍ଲା ମୁନିଗୁଡା ବ୍ଲକ ଓ କଲ୍ୟାଣ ସିଂ ପୁର ସମସ୍ତ ଅଞ୍ଚଳ ବାସୀ ବାସିନ୍ଦା ମୁଖ୍ୟ ରାସ୍ତାକୁ ଉଲ୍ହାଇବୁ ଓ ଦୋକାନ ବଜାର ତତ ସଙ୍ଗେ ସଙ୍ଗେ ଚକ ଅଖ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରିଦେବୁ ତା ସହିତ ସରକାରୀ ବେସରକାରୀ କାର୍ଯ୍ୟାଳୟକୁ ସବୁଦିନ ବନ୍ଦ କରିଦେବୁ ଓ ଏହି କାର୍ଯ୍ୟକ୍ରମରେ କୌଣସି ବିଶୃଙ୍ଖଳା ହୋଇନଥିଲା ଲାଞ୍ଜିଗଡ ଥାନା ଆଇ ଆଇ ସି ଜିତେନ୍ଦ୍ର ବିଶ୍ୱାଳ ଓ କେସିଙ୍ଗା ଏସଡିପିଓ ସନ୍ଦୀପ ମାଝୀ , ଲାଞ୍ଜିଗଡ ଏସ ଆଇ ଡୋଲମଣୀ ବିଶି,ଏ ଏସ ଆଇ ସ୍ୱର୍ଣ ଇତା ଗୋମଙ୍ଗ,ଏ ଏସ ଆଇ ବଲଭଦ୍ର ଗୌଡ଼, ଏ ଏସ ଆଇ ମାଝୀ ଗୋମଙ୍ଗ, ଟାଉନ ହାବିଲଦାର ନରସିଂହ ଦାସ ତତ୍ୱାବଧାନରେ ପଦଯାତ୍ରା ସଭା କାର୍ଯ୍ୟକ୍ରମ ସମସ୍ତ ଶାନ୍ତି ଶୃଙ୍ଖଳା ସହିତ ସୁଚାରୁ ରୂପେ ଅନୁଷ୍ଠିତ ହୋଇଥିଲା ଓ ଏହି କାର୍ଯ୍ୟକ୍ରମରେ ସର୍ବଦଳୀୟ ବ୍ୟକ୍ତି ଏକତ୍ରିତ ହୋଇ ପଦଯାତ୍ରା କରିଥିଲେ, ଏହାର ସମସ୍ତ କଥାରେ ଲାଞ୍ଜିଗଡ ଆଞ୍ଚଳିକ ବିକାଶ ପରିଷଦର ସଭାପତି ଶ୍ରୀଧର ପେସନିଆ,ସମ୍ପାଦକ ନିର୍ମଳ ସାମଲ,କୋଷଦକ୍ଷ ମହେଶ୍ୱର ପତି, ଉପସଭାପତି ବାଳି ନାଏକ, ସେନାପତି ନାଏକ,ଅନନ୍ତ ପାଲ ଓ ସମସ୍ତ ଆଞ୍ଚଳିକ ବିକାଶ ପରିଷଦ ସଦସ୍ୟ ସଚାରୁ ରୂପେ ସମ୍ପର୍ଣ କରିଥିଲେ ଓ ଏହି କାର୍ଯ୍ୟକ୍ରମରେ ଲାଞ୍ଜିଗଡର ଟ୍ରକ ସଂଘର ସଭାପତି ଚନ୍ଦ୍ର ବେହେରା ଓ ତାଙ୍କର ଟ୍ରକ ସଘର ସମସ୍ତ ସଦ୍ୟସ ଉପସ୍ଥିତ ଥିଲେ ପାଖ ରାୟଗଡା ଜିଲ୍ଲାରୁ ଲାଞ୍ଜିଗଡ ପଦଯାତ୍ରାକୁ ସମର୍ଥନ ଜଣାଇ ପୂର୍ବତନ ମୁନିଗୁଡା ବ୍ଲକ ଅଧକ୍ଷ ମୀନ କେତନ ଷଡଙ୍ଗୀ,ଏମ ଡି ଆୟୁବ ଖାନ, ନବୀନ ପାତ୍ର,ସୁନୀଲ ଯେନ, ବଟକୃଷ୍ଣ ପୃଷ୍ଟି,ରଞ୍ଜିତ ପାଢ଼ୀ,ଏମ ଏଲ ଏ ପ୍ରତିନିଧି ପ୍ରଦୀପ ଘଡେଇ, ରାଜେନ୍ଦ୍ର ପ୍ରତାପ ସିଂ ଦେଓ,ପୂର୍ବତନ ବିଧାୟକ ଶିବାଜୀ ମାଝୀ,ଆଦିବାସୀ ନେତା ଦାନ ମାଝୀ, ଲାଞ୍ଜିଗଡ ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେସନିଆ, ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା,ଲାଞ୍ଜିଗଡ ଜୁନ ୦୨ ର ଜିଲ୍ଲା ପରିଷଦ ସଭ୍ୟ ପରୀକ୍ଷିତ ନାଏକ, ଲାଞ୍ଜିଗଡ ବ୍ଲକ ଉପଦକ୍ଷ ସଂଜୀବ ନାୟକ, ଲାଞ୍ଜିଗଡ ଅଧକ୍ଷା କମଳା ପାତ୍ର, ଲାଞ୍ଜିଗଡ ବ୍ଲକ ପୂର୍ବତନ ବିଧାୟକ ମନହର ହରପାଇ,ବାସନ୍ତପଡ଼ା ସରପଞ୍ଚ ଚାଞ୍ଚେର ମାଝୀ,ସମାଜ ସେବି ସୁବାଷ ଅଗ୍ରୱାଲ, ଆଦିବାସୀ ନେତା ଲିଙ୍ଗା ମାଝୀ,ଶ୍ରମିକ ୟୁନିଅନ ସଭାପତି ସଂଜୀବ ପେସନିଆ,ତରୁଣ ଦାସ, ଲାଞ୍ଜିଗଡ ବ୍ଲକ ବିଜୁ ଜନତା ଦଳ ସଭାପତି ହିମାଦ୍ରୀ ପେସନିଆ,ଆଦିବାସୀ ବିଜେଡି ନେତା ପାତ୍ର ମାଝୀ,ଲାଞ୍ଜିଗଡ ଯୁବକ ସଙ୍ଘ ସଭାପତି ବିନୋଦ ଗୌଡ଼,ରାଜେନ୍ଦ୍ର ମାଳି, ସୁବାଷ ମହାପାତ୍ର, ଶଙ୍କର ପରିଡା ଲାଞ୍ଜିଗଡ ଅଞ୍ଚଳ ବାସୀ ଚାହୁଁଛନ୍ତି ଯେ ଲାଞ୍ଜିଗଡ ସ୍ଥିତ ଶିଳ୍ପକୁ ନିଜସ୍ୱ ଖଣିରୁ ବକ୍ସଇଡ୍ ଖଣିରୁ କଞ୍ଚାମାଲ ଯୋଗାଇ ଦିଆଯାଉ ।

ଇନ୍ଦ୍ରାବତୀ ପାଲଟିବ ଜାତୀୟ ସ୍ତରର ବହୁମୁଖି ପର୍ଯ୍ୟଟନ ସ୍ଥଳ: ଟିମ୍ ପରିଦର୍ଶନ ଓ ପ୍ରସ୍ତୁତି ଆରମ୍ଭ

ନବରଙ୍ଗପୁର, : ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଏବଂ ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁ ଙ୍କ ସମେତ ଇନ୍ଦ୍ରାବତୀ ପର୍ଯ୍ୟଟନ କ୍ଷେତ୍ର କମିଟି ସମସ୍ତ ସଭ୍ୟ ଇନ୍ଦ୍ରାବତୀ ଜଳଭଣ୍ଡାର ତଥା ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ନେଇ ପ୍ରସ୍ତାବିତ ବହୁମୁଖି ପର୍ଯ୍ୟଟନ ସ୍ଥଳ କୁ ପରିଦର୍ଶନ କରିଥିଲେ। ଉଲ୍ଲେଖ ଯୋଗ୍ୟ ଏହା ପୂର୍ବରୁ ସ୍ୱାଧୀନତା ଦିବସ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିବା ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଏହି ଅଞ୍ଚଳ ଗସ୍ତ କରି ଏହାକୁ ଏକ ଜାତୀୟ ସ୍ତରୀୟ ପର୍ଯ୍ୟଟନ କ୍ଷେତ୍ର ରେ ପ୍ରସ୍ତୁତ କରିବା ପାଇଁ ଶୀଘ୍ର ଡି ପି ଆର୍ ପ୍ରସ୍ତୁତ କରିବାକୁ ଜିଲ୍ଲା ପ୍ରଶାସନ କୁ ନିର୍ଦ୍ଦେଶ ଦେଇଥିଲେ।ତେନ୍ତୁଳିଖୁଣ୍ଟି ବ୍ଲକ୍ ଅନ୍ତର୍ଗତ ଦେଓ ପାଲି ମୁଖ୍ୟବନ୍ଧ ନିକଟରେ ଜଳଭଣ୍ଡାର କୁ ଲାଗି ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ନେଇ ପ୍ରାୟ ୧୦୦ କୋଟି ରୁ ଉର୍ଦ୍ଧ୍ୱ ଟଙ୍କା ରେ ପର୍ଯ୍ୟଟନ ସ୍ଥଳ ନିର୍ମାଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇ ଯାଇଛି ।ଜଳଭଣ୍ଡାର ପାର୍ଶ୍ୱ ରେ ପାର୍କ,ଜଳଭଣ୍ଡାର ମଧ୍ୟରେ ନୌ ବିହାର, ଆଇଲାଣ୍ଡ ରେ ମନ୍ଦିର ଓ ମିନି ପାର୍କ, ରୋପ ୱେ,ରେଷ୍ଟୁରାଣ୍ଟ,କେଫେ, ବୃକ୍ଷ ରୋପଣ,ବିଜୁଳି ବ୍ୟବସ୍ଥା,ଶୌଚାଳୟ,ରାସ୍ତା, ପର୍ଯ୍ୟଟକ ଙ୍କ ରହିବା ବ୍ୟବସ୍ଥା, ଜିମ୍, ଅନ୍ୟାନ୍ୟ ଆମୋଦ ପ୍ରମୋଦ ର ସୁବ୍ୟବସ୍ଥା କରିବାକୁ ପରିକଳ୍ପନା କରାଯାଇଛି ।ଏଥି ପାଇଁ ଡି ପି ଆର୍ ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ପ୍ରେରଣ କରାଯିବ ।ଜାତୀୟ ସ୍ତରର ପର୍ଯ୍ୟଟନ କ୍ଷେତ୍ର ନିର୍ମାଣ ଇନ୍ଦ୍ରାବତୀ ଅଞ୍ଚଳରେ ଅନେକ ବ୍ୟବସାୟ ସୁଯୋଗ ସୃଷ୍ଟି କରିବା ସହ ଆମ୍ନିଯୁକ୍ତି , ଆର୍ଥିକ ଅଭିବୃଦ୍ଧି ରେ ସହାୟକ ହେବ ।ବିଧାୟକ ଏବଂ ଜିଲ୍ଲାପାଳ ଙ୍କ କ୍ଷେତ୍ର ପରିଦର୍ଶନ ସମୟ ରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ

)ବିଶ୍ୱଜିତ ବର୍ମନ୍, ଡି ଏଫ୍ ଓ ଶୁଭେନ୍ଦୁ ବେହେରା,ଏସ ଇ (ଆର୍ ଏଣ୍ଡ ବି) କ୍ଷୀରୋଦ କନ୍ଧପାନ,ଅତିରିକ୍ତ ମୁଖ୍ୟ ଯନ୍ତୀ (ଇନ୍ଦ୍ରାବତୀ ଡ୍ୟାମ ସର୍କଲ) ନରେଶ ପାତ୍ର,ନିର୍ବାହୀ ଯନ୍ତୀ(ମେକାନିକାଲ) ଖାତୀଗୁଡ଼ା ନିରୋଜ ଲାହୁଡି, ପି ଏ,ଆଇ ଟି ଡି ଏ ରାଜୀବ ଲୋଚନ ସାହୁ,ନିର୍ବାହୀ ଯନ୍ତୀ ଟି ପି ଏସ ଓ ଡି ଏଲ ସୁଶାନ୍ତ ଖଟେଇ,ବି ଡି ଓ ତେନ୍ତୁଳିଖୁଣ୍ଟି ମନୋଜ ପାଣିଗ୍ରାହୀ, ଏସ ଇ ଆର୍ ଡବ୍ଲୁ ଏସ୍ ଏସ ପ୍ରତୀକ କୁମାର ରାଉତ ,ଡି ଡି , ଡି ପି ଏମ ୟୁ ଐ ଶ୍ୱର୍ୟ୍ୟ ଭଞ୍ଜ, ଡି ଟି ଓ ଘାଷିଆ ହରିଜନ ଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

ପାଣି ପଞ୍ଚ କର୍ମଚାରୀଙ୍କୁ ଛଟେଇ ଅଭିଯୋଗ, ବିଡ଼ିଓ କରିଲେ ତଦନ୍ତ

ନୂଆଗାଁ, : ନୟାଗଡ଼ ଜିଲ୍ଲା ବିଭିନ୍ନ ଗ୍ରାମ ପଞ୍ଚାୟତ ଅଧିନରେ କାର୍ଯ୍ୟ କରୁଛନ୍ତି ଅନେକ କର୍ମଚାରୀ । ସରକାରଙ୍କ ତରଫରୁ ସାରା ରାଜ୍ୟରେ ପ୍ରତି ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ପାଇଁ ହୋଇଛି ପାଣି ପଞ୍ଚ ବ୍ୟବସ୍ଥା ସହ ତାକୁ ପରିଚାଳନା ପାଇଁ ପାଇଛନ୍ତି ଅନେକ ନିଯୁକ୍ତି । କିନ୍ତୁ ପଞ୍ଚାୟତ ସ୍ତରରେ କିଛି କର୍ମଚାରୀଙ୍କ ଛଟେଇ ହେଇଥିବା ଅଭିଯୋଗ ହୋଇଛି ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ନୂଆଗାଁ ସଦର ଗ୍ରାମ ପଞ୍ଚାୟତରେ । ନୂଆଗାଁ ପଞ୍ଚାୟତ ଅଧୀନ ଖଲମଡ଼ା ଗ୍ରାମରେ ପାଣି ପଞ୍ଚ ରେ କାର୍ଯ୍ୟରତ ବ୍ରଜବନ୍ଧୁ ରଥ ଓ ବୃନ୍ଦାବନ ନାୟକଙ୍କୁ ବିନା କାରଣରେ ଛଟେଇ କରିଥିବା ଅଭିଯୋଗ ହୋଇଛି । ଗତ ୨୦୦୭ ବର୍ଷ ଠାରୁ କାର୍ଯ୍ୟରତ ତଥା

ସରକାରଙ୍କ ବିଭିନ୍ନ ଟ୍ରେନିଂରେ ତାଲିମପ୍ରାପ୍ତ ହୋଇ ଦରମା ପାଇ ରହିଥିବା କର୍ମଚାରୀ ମାନଙ୍କୁ କେଉଁ କାରଣରୁ ଛଟେଇ କରାଯାଇଛି ତାହା ଚିନ୍ତାଜନକ ବିଷୟ । ସୂଚନା ମୁତାବକ ନୂଆଗାଁ ଗ୍ରାମପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଇଶ୍ୱାଧର ବେହେରା ସେମାନଙ୍କୁ ଛଟେଇ କରିଥିବା ଅଭିଯୋଗ ଉଭୟ ଜିଲ୍ଲାପାଳ ଓ ବିଡିଓଙ୍କ ନିକଟରେ ହୋଇଥିଲା । ଆଜି ନିଜେ ବିଡ଼ିଓ ଏବଂ ଉପସ୍ଥିତ ଅଧିକାରୀ ଏକ ବୈଠକ ଡକାଇ ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ କଣ ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା ।

ଔଷଧ ବ୍ୟବସାୟୀ ସଂଘ ପକ୍ଷରୁ ନୂତନ କର୍ମକର୍ତ୍ତା ଚୟନ

ବୌଦ୍ଧ, : ବୌଦ୍ଧ ଉତ୍କଳ କେମିଷ୍ଟ ଡ୍ରଗିଷ୍ଟ ଆସୋସିଏସନ ବୌଦ୍ଧ ଶାଖା ପକ୍ଷରୁ ନିର୍ବାଚନ ପକ୍ରିୟା ଅନୁଷ୍ଠିତ ହୋଇଯାଇଛି । ବୌଦ୍ଧ ଜିଲ୍ଲା ଚାରିଛକ ଠାରେ ଥିବା ଅଂଶୁଲା ପାନ୍ଥିକା ରେ ଜିଲ୍ଲାର ସମସ୍ତ ଔଷଧ ବ୍ୟବସାୟୀ ଙ୍କୁ ନେଇ ଏକ ସାଧାରଣ ଅଧିବେଶନ ଡକାଯାଇ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ପ୍ରଥମେ ସଂଘ ପକ୍ଷରୁ ଗଞ୍ଜାମ ଜିଲ୍ଲା ଔଷଧ ବ୍ୟବସାୟୀ ବିଷ୍ଣୁ ପ୍ରସାଦ ପଣ୍ଡା ଓ ସୁବର୍ଣପୁର ଜିଲ୍ଲା ଔଷଧ ବ୍ୟବସାୟୀ ଉମେଶ ସାହୁ ଙ୍କୁ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ପରେ ନିର୍ବାଚନ ଅଧିକାରୀ ଓ ସଂଘ ର ସମସ୍ତ ସଦସ୍ୟ ଙ୍କ ସହମତି କ୍ରମେ ନିର୍ବାଚନ ନ ହୋଇ ମନନୟନ ପ୍ରକ୍ରିୟା ରେ ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା ଙ୍କୁ ଚୟନ କରାଯାଇଥିଲା । ବୌଦ୍ଧ ଜିଲ୍ଲା ଔଷଧ ବ୍ୟବସାୟୀ ସଂଘ ର ସଭାପତି ଭେବେ ବିରିଧାରୀ ଲାଇ ଅଗ୍ରୱାଲ ଓ ସମ୍ପାଦକ ଭାବେ ପ୍ରାଣବନ୍ଧୁ ପ୍ରଧାନ ଙ୍କୁ ଚୟନ କରାଯାଇଥିଲା ।

ପରେ ସଭାପତି ସମ୍ପାଦକ ଙ୍କୁ ନେଇ ଏକ ୨୬ଜଣିଆ କମିଟି କୁ ଚୟନ କରାଯାଇଥିଲା । ୨୬ଜଣିଆ କମିଟି ରେ ଜିଲ୍ଲାର ସମସ୍ତ ଅଞ୍ଚଳରୁ ୧୩ଜଣ ଇସି ସଦ୍ୟନାରାୟଣ , ସମ୍ପାଦକ ପ୍ରଶାନ୍ତ ମହାପାତ୍ର ଓ ଅନ୍ୟ ପଡ଼ୋଶୀ ଜିଲ୍ଲା ଯଥା ସମ୍ବଲପୁର, ସୁବର୍ଣପୁର, କଟକ, ଗଞ୍ଜାମ ଜିଲ୍ଲାର ସଂଘର ସଦସ୍ୟ ଯୋଗ ଦେଇଥିଲେ । ପରେ ସଂଘ ପକ୍ଷରୁ ଆଗାମୀ ଦିନର କାର୍ଯ୍ୟପନ୍ଥା ସ୍ଥିର କରା ଯାଇଥିଲା ।

ବୌଦ୍ଧ ଜିଲ୍ଲାର ଔଷଧ ବ୍ୟବସାୟୀ ସଂଘ ସର୍ବଦା ଲୋକଙ୍କ ସହିତ ରହିଛି ଆଗାମୀ ଦିନ ରେ ସଂଘ ପକ୍ଷରୁ ବହୁ ସ୍ୱେଚ୍ଛାକୃତ କାର୍ଯ୍ୟ ହାତକୁ ନିଆଯିବ ବୋଲି ସଂଘ ର ନୂତନ ସଭାପତି ବିରିଧାରୀ ଲାଲ ଅଗ୍ରୱାଲ କହିଛନ୍ତି । ଅନ୍ୟପଟେ ବୌ ?ଦ୍ଧ ଜିଲ୍ଲାରେ ଚାଲି ଥିବା ବେଆଇନ ଔଷଧ କାରବାର ରେ ରୋକ ଲଗାଇବା ସହ କ୍ୱାକ ବିରୁଦ୍ଧ ରେ ପ୍ରଶାସନ ନିକଟରେ ଅଭିଯୋଗ ଦାଖଲ କରିବା ପାଇଁ ନୂତନ କର୍ମକର୍ତ୍ତା ଙ୍କୁ ଉତ୍କଳ କେମିଷ୍ଟ ଡ୍ରଗିଷ୍ଟ ଆସୋସିଏସନ ର ରାଜ୍ୟ ସଭାପତି ପି ସତ୍ୟନାରାୟଣ ପରାମର୍ଶ ଦେଇଛନ୍ତି ।

ଏନଏସି ଘୋଷଣା ଦାବୀ କରି ବୋରିଗୁମ୍ଫା ନାଗରିକ ମଞ୍ଚର ୧୨ ଘଣ୍ଟିଆ ବନ୍ଦ ଡାକରା, କଂଗ୍ରେସ ଓ ବିଜେଡିର ସମର୍ଥନ

ବୋରିଗୁମ୍ଫା, : ବୋରିଗୁମ୍ଫା ସହର କୁ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି) ଘୋଷଣା ଦାବୀ କରି ବୋରିଗୁମ୍ଫା ନାଗରିକ ମଞ୍ଚ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ଡାକରା ବୋରିଗୁମ୍ଫା ଏନଏସି ଘୋଷଣା ହୋଇପାରି ନାହିଁ।ଗତ ସରକାର ସମୟରେ ବୋରିଗୁମ୍ଫା ଏନଏସି ଘୋଷଣା ଏକ ପ୍ରହେଳିକା ରହିଥିବା ବେଳେ ବର୍ତ୍ତମାନ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା।ବୋରିଗୁମ୍ଫା ବନ୍ଦ ସମ୍ପୂର୍ଣ୍ଣ ଭାବେ ସଫଳ ହୋଇଥିବା ବେଳେ ବୋରିଗୁମ୍ଫା ବିଭିନ୍ନ ସଙ୍ଗଠନ ଯଥା ବଣିକ ସଂଘ, ବାର ଏସୋସିଆସନ,ବୋରିଗୁମ୍ଫା ପ୍ରେସ କ୍ଲବ,ଟ୍ରକ ମାଲିକ ସଂଘ, ବିଭିନ୍ନ ମନ୍ଦିର ପରିଚାଳନା କମିଟି,ନୀଳମାଧବ ଡ୍ରାଇଭର ସଂଘ, ଓଡିଶା ଡ୍ରାଇଭର ମହାସଂଘ, ମିସ୍ତୀ ସଂଘ ଭଳି ଅନେକ ସଙ୍ଗଠନ ବୋରିଗୁମ୍ଫା ବନ୍ଦ ଡାକରା କୁ ସମର୍ଥନ ଦେଇଥିଲେ।ତେବେ ବୋରିଗୁମ୍ଫା ବନ୍ଦ ଡାକରା ପୂର୍ବରୁ ବିଭିନ୍ନ ରାଜନୈତିକ ଦଳ ବୋରିଗୁମ୍ଫା ଏନଏସି ପ୍ରସଙ୍ଗ ନେଇ ବିଭିନ୍ନ ମନ୍ତବ୍ୟ ରଖିଥିଲେ।କିନ୍ତୁ କା

ଙ ଗଚ୍ଛଧ୍ୱଂ ଙ ବଦଧ୍ୱଂ ଙ ବୋ ମନାଂସି ଜାନତାମ୍ ।
ଦେବା ଭାଙ୍ଗ ଯଥା ପୂର୍ବେ ଙଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪



ଭୁବନେଶ୍ୱର, ୨୦୨୫, ଅଗଷ୍ଟ ୨୬

ଦୁର୍ନୀତି ମୁକ୍ତ ବିଶ୍ୱର ପରିକଳ୍ପନା

ହିମାଂଶୁ ଶେଖର ଆଚାର୍ଯ୍ୟ

ଦୁର୍ନୀତି ସମଗ୍ର ବିଶ୍ୱ ପାଇଁ ଏକ ଆହ୍ୱାନ । କ୍ଷୋଭର କଥା ଦୁର୍ନୀତିର ପରିମାଣ ଦିନକୁ ଦିନ କମିବା ପରିବର୍ତ୍ତେ ବଢିବାରେ ଲାଗିଛି । କୌଣସି ଦେଶ ଯେତେ ଉନ୍ନତ ହେଉନା କାହିଁକି ଦୁର୍ନୀତି ନହଟିଲେ ସମାଜରେ ଅର୍ଥନୈତିକ ବୈଷମ୍ୟ ସୃଷ୍ଟି ହେବ । ଖାଲି ସେତିକି ନୁହେଁ ଏହି ଅର୍ଥନୈତିକ ବୈଷମ୍ୟ ଦାରିଦ୍ର୍ୟ ଓ ବେକାରୀ ବୃଦ୍ଧି କରିବାରେ ସହାୟକ ହୋଇଥାଏ । ବିଶ୍ୱର ଦୁର୍ନୀତି ସୂଚକାଙ୍କ ଉପରେ ଆଖି ପକାଇଲେ ଜଣାପଡେ ଯେ, ବିଶ୍ୱର ସର୍ବାଧିକ ଦୁର୍ନୀତିଯୁକ୍ତ ରାଷ୍ଟ୍ରଗୁଡିକ ମଧ୍ୟରେ କଲମ୍ବିଆ, ମେକ୍ସିକୋ, ଘାନା, ମିଆଁମାର ଓ ସାଉଦିଆରବ ରହିଛି । ସେହିପରି ଶ୍ରେଷ୍ଠ ପା□ଟି କମ୍ ଦୁର୍ନୀତି ହେଉଥିବା ରାଷ୍ଟ୍ରମାନଙ୍କ ମଧ୍ୟରେ ସୁଇଜରଲ୍ୟାଣ୍ଡ, ଜାପାନ, କାନାଡା, ଜର୍ମାନୀ ଓ ଗ୍ରେଟ ବ୍ରିଟେନ ରହିଛି । ଏସବୁ ଦୃଷ୍ଟିରୁ ଦେଖିଲେ ୨୦୨୩ ରିପୋର୍ଟ ସୂଚକାଙ୍କ ଅନୁଯାୟୀ ୧୮୦ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୯୩ ଥିଲା ଏବେ ପୁଣି ୩ଟି ସ୍ଥାନ ତଳକୁ ଖସି ୯୬ରେ ପହ□ିଛି । ପ୍ରାୟ ଅଧିକାଂଶ ମଣିଷ ଦୁର୍ନୀତିର ଶିକାର ହୋଇଚାଲିଛନ୍ତି । ସରକାରଙ୍କ କଲ୍ୟାଣକାରୀ ଯୋଜନା ଜନତାଙ୍କ ପାଖରେ ବିନା ଦୁର୍ନୀତିରେ ପହ□ି ପାରୁନାହିଁ । ଆମ ରାଜ୍ୟରେ ଦୁର୍ନୀତି ନିବାରଣ ସପ୍ତାହ ଜାରିରହିଛି । ଏଥିରେ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ ଦୁର୍ନୀତି ନିବାରଣ ପାଇଁ ସରକାରୀ ଅଧିକାରୀମାନଙ୍କୁ ଶପଥପାଠ କରାଇଛନ୍ତି । ଏପରିକି ଚେତାବନୀ ମଧ୍ୟ ଦେଇଛନ୍ତି । ଦୁର୍ନୀତି କଥା ପଡିଲେ ଆମ ରାଜ୍ୟକଥା ଯାହା , ଦେଶ ଓ ସାରାବିଶ୍ୱରେ ମଧ୍ୟ ଅବସ୍ଥା ମଧ୍ୟ ଠିକ୍ ସେଇଆ । ତେବେ ଏଠାରେ ପ୍ରଶ୍ନ ଉଠୁଛି ସତରେ କଣ ଦୁର୍ନୀତି ହଟିବ ?

ଦୁର୍ନୀତି ନିରାକରଣରେ ଶିକ୍ଷାର ଏକ ବଡ ଯୋଗଦାନ ରହିଛି । ବିଶେଷ କରି ଦୁର୍ନୀତି ବିରୋଧୀ ଲଢେଇରେ ଆଇନ ଓ ଦଣ୍ଡ ବ୍ୟବସ୍ଥାକୁ ଅଧିକ କଡାକଡି କରାଯିବା ସହ ନୈତିକ ଶିକ୍ଷା ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯିବା ଜରୁରୀ । ଶିକ୍ଷା ଏକ ପ୍ରମୁଖ ବିଷୟବସ୍ତୁ ହେବା ଆବଶ୍ୟକ । ଏହି ଦୃଷ୍ଟିରୁ ଦେଖିଲେ ଏବେବି ବିଶ୍ୱରେ ସାକ୍ଷରତା ହାର ଅଧିକ ଥିବା ଦେଶମାନଙ୍କ ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକା, ଗ୍ରେଟବ୍ରିଟେନ, ସୋଭିଏତ୍ ଋଷ, ସୁଇଡେନ, କାନାଡା ପ୍ରଭୃତି ଦେଶରେ ସାକ୍ଷରତା ହାର ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ, ୯୯.୬ ପ୍ରତିଶତ, ୯୯ ପ୍ରତିଶତ ରହିଛି । ଏପରିକି କାନାଡା, ନିଉଜିଲ୍ୟାଣ୍ଡ ଓ ବର୍ମା ପ୍ରଭୃତି ଦେଶରେ ସାକ୍ଷରତା ହାର ହେଉଛି ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ ଓ ୮୯ ପ୍ରତିଶତ । ଖାଲି ସେତିକି ନୁହେଁ ବିଶ୍ୱରେ ନିରକ୍ଷରଙ୍କ ସଂଖ୍ୟା ପ୍ରାୟ ୭୫ କୋଟିରୁ ଉର୍ଦ୍ଧ୍ୱ । ପ୍ରତି ପା□ଜଣ ପ୍ରାପ୍ତ ବୟସ୍କ ଲୋକଙ୍କ ମଧ୍ୟରେ ଜଣେ ନିରକ୍ଷର । ଅନ୍ୟୂନ ୭କୋଟି ଶିଶୁ ନିମ୍ନ ପ୍ରାଥମିକ ଶିକ୍ଷାରୁ ବ□ିତ । କେତେ ଶିଶୁ ପ୍ରାଥମିକ ସ୍ତରରୁ ହିଁ ଶିକ୍ଷା ଛାଡୁଛନ୍ତି ତାହାର କୌଣସି ହିସାବ ନାହିଁ । ପରିସଂଖ୍ୟାନ ତଥ୍ୟରୁ ଜଣାପଡେ ଦକ୍ଷିଣ ଓ ପଶ୍ଚିମ ଏସିଆରେ ପ୍ରାପ୍ତ ବୟସ୍କ ନିରକ୍ଷରଙ୍କ ସଂଖ୍ୟା ସର୍ବାଧିକ । ଏହା ପଛକୁ ଅଛନ୍ତି ଆରବ ଓ ଆଫ୍ରିକାନ୍ ରାଷ୍ଟ୍ରସମୂହ । ବର୍କିନା ଫାସୋ, ନିଗର ଓ ମାଲିରେ ସାକ୍ଷରତା ହାର ବିଶ୍ୱରେ ସବୁଠାରୁ କମ୍ ଯଥାକ୍ରମେ ୧୨.୮ ପ୍ରତିଶତ, ୧୪.୪ ପ୍ରତିଶତ ଓ ୧୯ ପ୍ରତିଶତ । ସେ ଦୃଷ୍ଟିରୁ ଦେଖିଲେ କମ୍ ସାକ୍ଷରତା ଥିବା ଦେଶରେ ସଚେତନତା ଅଭାବରୁ ଦୁର୍ନୀତିର ମାତ୍ରା ଅଧିକ । ଏହି ପରିପ୍ରେକ୍ଷୀରେ ଆମ ଦେଶକଥା ବିଚାରକୁ ନେଲେ ୨୦୧୧ ଜନଗଣନା ଅନୁସାରେ ଆମ ଦେଶର ସାକ୍ଷରତା ହାର ୭୪.୦୪ ପ୍ରତିଶତ । ଏଥିରୁ ଅନୁମେୟ ପୃଥିବୀର ଅନ୍ୟ ଦେଶ ତୁଳନାରେ ଭାରତର ନିରକ୍ଷରତା ସମସ୍ୟା ଉତ୍କଟତର ।

ଏକ ସର୍ବେକ୍ଷଣରୁ ଜଣାପଡିଛି ଭାରତରେ ଦୁର୍ନୀତିର ମାନ ଦିନକୁ ଦିନ ବଢିବାରେ ଲାଗିଛି । ୧୮୦ଟି ଦେଶରେ ହୋଇଥିବା ସର୍ବେକ୍ଷଣ ଅନୁସାରେ ଦେଶରେ ଜଣାପଡିଛି ଯେ, ପ୍ରାୟ ୫୦ପ୍ରତିଶତ ଭାରତୀୟ ପ୍ରାୟ ପ୍ରଥମ ଥର ଲା□ଦେଇଥାନ୍ତି । ଏବଂ ଦୁର୍ନୀତି ସୂଚକାଙ୍କ ଅନୁସାରେ ୧୮୦ଟି ଦେଶ ମଧ୍ୟରୁ ଭାରତର ସ୍ଥାନ ୮୦ । ଏଥିରୁ ସ୍ପଷ୍ଟ ଅନୁମେୟ ଭାରତରେ ଦୁର୍ନୀତି ତାର କାୟା ବିସ୍ତାର କରି ଚାଲଛି । ଆମ ଦେଶର ରାଜ୍ୟମାନଙ୍କ ମଧ୍ୟରୁ ରାଜସ୍ଥାନ ଓ ବିହାରରେ ଦୁର୍ନୀତି ସୂଚକାଙ୍କ ଅଧିକଥିବା ବେଳେ ଦିଲ୍ଲୀ ଓ ଓଡିଶାରେ ଏହା କମ୍ ରହିଛି । ଏସବୁ ସ□ି ଆମ ଦେଶରେ ସ୍ୱାଧୀନତାର ପରବ□ୀ କଥା ଚିନ୍ତା କଲେ ବିଭିନ୍ନ କ୍ଷେତ୍ରରେ ଦୁର୍ନୀତିର ଏକ ଲମ୍ବା ତାଲିକା । ୧୯୪୮ମସିହା ଜିପ୍ କିଣା ଦୁର୍ନୀତି ଠାରୁ ଆରମ୍ଭ କରି ୧୯୯୬ ରେ ହ୍ୱାଓଲା ଓ ଗେଖାଦ୍ୟ ,୨୦୦୮ରେ ସେୟାର ବଜାର ,୨୦୧୦ରେ କମନଓେଲ୍ଥ ଗେମ୍ ,୨୦୧୧ ମସିହା ଆଦର୍ଶ ହାଉସିଂ ଓ ୨୦୧୨ ରେ ଟେଲିକମ ଦୁର୍ନୀତି ଏହାର ଗୋଟିଏ ଗୋଟିଏ ଉଦାହରଣ । ଏବେ ପୁଣି ଚର୍ଚ୍ଚାକୁ ଆସିଛି ହତ୍ୟାକାରି ବ୍ୟାପମ୍ ଦୁର୍ନୀତି । ସ୍ୱିସ୍ ବ୍ୟାଙ୍କରେ ଥିବା କଳାଧନର ପରିମାଣ ୭ହଜାରକୋଟି ଟଙ୍କାକୁ ଟପିସାରିଲାଣି । ଏହି ଦୁର୍ନୀତି ହିଁ ଆମ ପ୍ରଗତିର ପ୍ରଧାନ ପ୍ରତିବନ୍ଧକ । ବିଶ୍ୱ କ୍ଷୁଧା ସୂଚକାଙ୍କ ରିପୋର୍ଟ ଅନୁସାରେ ବିଶ୍ୱର ୮୦ଟି ବିକାଶମୁଖୀ ଦେଶମାନଙ୍କ ମଧ୍ୟରୁ ଆମ ଦେଶର ସ୍ଥାନ ହେଉଛି ୬୭ ତମ । ସମ୍ପ୍ରତି ପ୍ରାୟ ୧୩୪ କୋଟି ଲୋକଙ୍କ ମଧ୍ୟରୁ ୧୯ ପ୍ରତିଶତ ଲୋକ କ୍ଷୁଧାର୍ତ ତାଲିକାରେ ଅଛନ୍ତି । ୪୨ ପ୍ରତିଶତ ଶିଶୁଙ୍କ ଓଜନ ସ୍ୱାଭାବିକ ଓଜନ ଠାରୁ କମ୍ । ୭ ପ୍ରତିଶତ ଶିଶୁ ଜନ୍ମର ୫ ବର୍ଷ ମଧ୍ୟରେ ମୃତ୍ୟୁବରଣ କରିଥାନ୍ତି । ହଜାର ହଜାର ଲୋକ ଆଜିବି ଦାଦନ ଖଟୁଛନ୍ତି । ୫୪ କୋଟି ଯୁବକ ମାନଙ୍କ ଦେଶ ଭାରତରେ ନିଯୁକ୍ତି ନପାଇ ଜନସଂଖ୍ୟାର ଏକ ବଡ ଭାଗ ବାହାରେ ଶୁଣ୍ଢିପିଣ୍ଡା ହେଉଛନ୍ତି ।

ଦୁର୍ନୀତିର ପ୍ରଭାବ ଅର୍ଥନୀତିର ବିଭିନ୍ନ କ୍ଷେତ୍ରରେ ପରିଲକ୍ଷିତ ହୋଇଛି । ମିଳିତ ଜାତିସଂଘ ଆକଳନ ଅନୁସାରେ ଦୁର୍ନୀତି, ଚୋରି,ଲା□ ଓ ଟିକସ ଫାଙ୍କିବା ବିକାଶଶୀଳ ଦେଶ ମାନଙ୍କରେ କୋଟି କୋଟି ଟଙ୍କା ଆତ୍ମସାତ ହେଉଛି । ଏଥି ସହିତ ଉଚ୍ଚ ପଦାଧିକାରୀ ଓ ରାଜନୈତିକ ନେତାମାନେ ଏଥିରେ ସମ୍ପୃକ୍ତ ରହିବାର ଅନେକ ଉଦାହରଣ ରହିଛି । ଏମାନେ ସାଧାରଣ ଜନତାଙ୍କ ପାଖରେ ଉତରଦାୟି ନରହିଲେ ଦୁର୍ନୀତିମାତ୍ରା ବଢି ବଢି ଚାଲିବ । ଦୁର୍ନୀତିକୁ ରୋକୁବା ପାଇଁ କଠୋର ଦ□ ବିଧାନର ଆବଶ୍ୟକତା ରହିଛି । ତୃଣମୂଳସ୍ତରରୁ ଏଥିପାଇଁ ବ୍ୟାପକ ସଚେତନତା ଲୋଡା । ଏଥିପାଇଁ କେବଳ ଡିଗ୍ରୀ ବା ପ୍ରମାଣପତ୍ର ଶିକ୍ଷା ନୁହେଁ ନୈତିକ ଓ ମୂଲ୍ୟବୋଧ ଯୁକ୍ତ ଶିକ୍ଷାର ଆବଶ୍ୟକତା ରହିଛି । ଏହି କଥା ପ୍ରଥମେ ନିଜ ଘରୁ ଆରମ୍ଭ କରିବାକୁ ହେବ ସେହିପରି ପ୍ରଶାସନିକ ସ୍ତରରେ ମଧ୍ୟ ସବୁଠି ସ୍ୱଚ୍ଛତା ଅବଲମ୍ବନକରିବା ବିଧେୟ । କାରଣ 'ମହାଜନ ଜେନ ଗତସ୍ୟ ପନ୍ଥା' ନ୍ୟାୟରେ ବଡମାନେ ଯାହା କରିବେ ସାନମାନେ ତାହା ଅନୁକରଣ କରିବେ ।

ଏହି ପରିପ୍ରେକ୍ଷୀରେ ମହାତ୍ମା ଗାନ୍ଧିଙ୍କ ପାଠପଢା କଥା ବେଳର କଥା ବେଶ୍ ପ୍ରଣିଧାନ ଯୋଗ୍ୟ । ଗରୁଜୀ ଗାନ୍ଧୀଜୀଙ୍କୁ ପାଖ ପିଲାଠାରୁ ଦେଖି ସଠିକ୍ ଶବ୍ଦଟି ଲେଖିବା ପାଇଁ ପ୍ରବ□ାଇଥିଲେ । ମାତ୍ର ସେ ଗୁରୁଙ୍କ କଥାକୁ ଟାଳି ଦେଇଥିଲେ । ପରେ ଗୁରୁଜୀ ତାଙ୍କୁ ପବାରିବାରୁ ସେ ଉ□ରରେ କପିକରିବା ବଡ ଅନ୍ୟାୟ ଓ କଭଳି ଏତେ ବଡ ଅନୀତି କରିଥାନ୍ତି ବୋଲି ଉ□ର ଦେଇଥିଲେ । ପୁଣି ସେ ବିନମ୍ରତାର ସହ କହିଥିଲେ ଅସତ ପଥରେ ଯାଇ ସୁନାମ ଅର୍ଜନ କରାଯାଏ ନାହିଁ । ସେଇଥିପାଇଁତ ସେ ମହାତ୍ମା । ଏଥିରୁ ଆମକୁ ସବୁକଥା ବୁଝିବାକୁ ହେବ । ଗାନ୍ଧିଜୀଙ୍କ ଏହି ଆଦର୍ଶ ଓ ମୂଲ୍ୟବୋଧକୁ ଆମକୁ ଅନୁସରଣ କରିବାକୁ ହେବ । ମୁଁ ନିଜେ ଦୁର୍ନୀତି କରିବି ନାହିଁ କି ଦୁର୍ନୀତିକୁ ପ୍ରଶ୍ରୟ ଦେବିନାହିଁ , ଏହିଭାବ ମନରେ ସୃଷ୍ଟି ହେବା ଦରକାର । ତାହେଲେ ଯାଇ ଦୁର୍ନୀତି ଉପରେ ଅଙ୍କୁଶ ଲାଗିପାରିବ । ତେଣୁ ସମସ୍ତେ ନୀତି ନୈତିକତା, ଆଦର୍ଶ, ମୂଲ୍ୟବୋଧ ଉପରେ ଦୃଢବିଶ୍ୱାସ ରଖି କାମ କରିଚାଲିଲେ ଦୁର୍ନୀତିର ମୂଳୋତ୍ପାଟନ ସମ୍ଭବ ହେବା ସହିତ ଏକ ବିକଶିତ ରାଷ୍ଟ୍ରଗଠନ ଲକ୍ଷ୍ୟ ସାଧିତ ହୋଇପାରିବ ।ଏଥିପାଇଁ ସାମୁହିକ ସଂକଳ୍ପ ଲୋଡା ।

ସଭାପତି
ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ-୯୯୩୭୧୫୧୦୫୨

ଟ୍ରେଣ୍ଡର ମାୟାଜାଲ : ହର୍ଡ଼ ମେଂଟାଲିଟିର ଅନ୍ତହୀନ ପ୍ରବଣତା

ଡାକ୍ତର ସମ୍ରାଟ କର

ଓଟିଟି ପ୍ଲାଟଫର୍ମ ନେଟଫ୍ଲିକ୍ସରେ ଅଳ୍ପ ଦିନ ତଳେ ରିଲିଜ ହୋଇଥିବା ମିନି ସିରିଜ 'ଆଡ଼ୋଲ ସେନ୍ସ'କୁ ନେଇ ତମାମ ଚର୍ଚ୍ଚା । ଏହି ସିରିଜ କେବଳ ଭାରତୀୟ ଦର୍ଶକ ମାନଙ୍କୁ ଖୁବ ପସନ୍ଦ ଆସିନାହିଁ ବରଂ ଏକଥା ବି କୁହାଯାଇଛି ଏହି ୱେବସିରିଜ କାଳେ ଭାରତୀୟ ଅଭିଭାବକମାନଙ୍କ ଆଖି ଖୋଲି ଦେଇଛି । ଚଳଚ୍ଚିତ୍ର ସହ ଜଡ଼ିତ ଥିବା ତ୍ରିନାଥ ବାବୁ ସେ ଦିନ ଏଇ କଥା ମୋତେ କହିବାବେଳେ ମୁଁ ତାଙ୍କୁ ଆଲୋଚନା ଆରମ୍ଭରୁ ବର୍ତମାନର ଜିବିଲି ଟ୍ରେଣ୍ଡ କଥା ଉଦାହରଣରେ ଦର୍ଶାଇ ଥିଲି । ଦିନ ଥିଲା ଆମକୁ କେହି ଜଣେ କାର୍ଟୁନ କଲେ ଆମେ ଉତେଜିତ ହେଉଥିଲି ଏପରିକି ବିରକ୍ତ ହୋଇ କ୍ରୋଧ ପ୍ରକଟ କରୁଥିଲୁ କିନ୍ତୁ ସେ ସବୁ ଏବେ ତଥାକଥିତ ନୂଆ ଟ୍ରେଣ୍ଡିଂରେ ପୁରୁଣା ହୋଇଗଲାଣି । ଜିବିଲି ଟ୍ରେଣ୍ଡ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ରାଗିବା ବଦଳରେ ନିଜକୁ କାର୍ଟୁନ କରି ଦେଖିବାକୁ ପସନ୍ଦ କରୁଛନ୍ତି ସାଧାରଣ ଲୋକଙ୍କ ଠାରୁ ସେଲିବ୍ରେଟି । ବର୍ତମାନ ଇ[ରନେଟ ବ୍ୟବହାରକାରୀଙ୍କ ସଂଖ୍ୟା ସାମାଜିକ ଗଣମାଧ୍ୟମରେ ଦିନକୁ ଦିନ ବଢ଼ି ଚାଲିଛନ୍ତି । ସାମାଜିକ ଗଣମାଧ୍ୟମର ଟ୍ରେଣ୍ଡ ନଇବଢ଼ିର ସୁଅ ପରି ଆସେ, ମାଡ଼ି ଯାଏ ଆଉ ପୁଣି କେଉଁ ମୁହର୍ତ୍ତରେ ଉଭେଇ ଯାଏ ।

ସୋସିଆଲ ମିଡ଼ିଆ ଟ୍ରେଣ୍ଡକୁ ନେଇ ଯିଏ ଯେଉଁଭଳି ମନ୍ତବ୍ୟ ଦିଅନ୍ତୁ ପଛେ ଏକଥା ଅନସ୍ୱୀକାର୍ଯ୍ୟ ଯେ ଏହି ଟ୍ରେଣ୍ଡଗୁଡ଼ିକ ଯେତେ ଜଲଦି ଆସେ, ତା ଠାରୁ ଅଧିକ ଜଲଦି ଚାଲିଯାଏ । ସୋସିଆଲ ମିଡ଼ିଆ ଆମ ସୃଜନଶୀଳ ଅନୁପ୍ରେରଣା ଏବଂ ସଂଯୋଗ ସ୍ଥାପନର ସୁଯୋଗ ଦିଏ ସତ । ତେବେ ପ୍ରାସଙ୍ଗିକ ରହିବା ପାଇଁ ଅବିରାମ ଚେଷ୍ଟା ନିଶ୍ଚିତ ଭାବେ ମାନସିକ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଉଛି । ଏକଥା ମନସ୍ତତ୍ୱ ଚିକିତ୍ସା କ୍ଷେତ୍ର ଅତି ସୁସ୍ପଷ୍ଟ ଭାବେ ଉଲ୍ଲେଖ କରିଛି । ସେମାନଙ୍କ ସହ ସମାଜବିତ ଓ ଶିକ୍ଷାବିତମାନେ ମଧ୍ୟ ଏକମତ । କାରଣ କ୍ଷଣସ୍ଥାୟୀ ଖୁସିର ମୁହର୍ତଗୁଡ଼ିକ ସରିଗଲା ପରେ ଯେଉଁ ଅବଶିଷ୍ଟାଂଶ ରହିଯାଏ ତାହା ହେଉଛି ଏକ କ୍ରମବର୍ଦ୍ଧିଷ୍ଣୁ ମାନସିକ କ୍ଲାନ୍ତି । ସୋସିଆଲ ମିଡ଼ିଆର ଟ୍ରେଣ୍ଡ ଗୁଡ଼ିକ ଦ୍ରୁତ ଗତିଶୀଳ ହେବା ଉଦ୍ଦେଶ୍ୟରେ ହିଁ ଡିଜାଇନ କରାଯାଇଛି । ଆଲଗୋରିଦିମ ଗୁଡ଼ିକ ତାଜା, ଆକର୍ଷଣୀୟ କଣ୍ଟେଂଟକୁ ଅଗ୍ରାଧିକାର ଦିଏ, ଯାହାର ଅର୍ଥ ନୂଆ ନୂଆ ଟ୍ରେଣ୍ଡ ତିଆରି କରିବାର ଚାପ ସୃଷ୍ଟି କରିଥାଏ । ଗୋଟିଏ ନାଚର ଟ୍ରେଣ୍ଡ ଅତି ବେଶିରେ ଦୁଇ ସପ୍ତାହ ଯାଏ ଫେସବୁକ, ଇନଷ୍ଟାଗ୍ରାମ ଭଳି ସୋସିଆଲ ମିଡ଼ିଆରେ ଆଧିପତ୍ୟ ବିସ୍ତାର କରିପାରେ । ତାହାପରେ ହୁଏତ କିଛି ରୋଷେଇ ହକ୍ୟା ଅଥବା ଗୋଟିଏ ଅଦ୍ଭୁତ ମିମ ଦ୍ୱାରା ସେହି ନାଚର ଟ୍ରେଂଟି ପ୍ରତିସ୍ଥାପିତ ହୋଇପାରେ । ମନୋବିଜ୍ଞାନୀଙ୍କ ମତରେ ସୋସିଆଲ ମିଡ଼ିଆର ଟ୍ରେଣ୍ଡ ଗୋଟିଏ ନୁହେଁ । କିଛି କିଛି ଟ୍ରେଣ୍ଡ ଲୋକମାନଙ୍କୁ ବିଶେଷ କରି ଯୁବପିଢ଼ିଙ୍କୁ ଏମିତି ଆକ୍ରାନ୍ତ କରିଦେଇଥାଏ ଯାହାଦ୍ୱାରା ସେମାନେ ହତାଶାବୋଧର ଶିକାର ହୋଇଥାନ୍ତି । ଉଦାହରଣ ସ୍ୱରୂପ ଗୋଟିଏ ଫେସ ଆପ କଥା ଉଲ୍ଲେଖ କରାଯାଇପାରେ । ଫେସ ଆପ ସହାୟତାରେ ଅନେକେ ନିଜ ଚେହେରାକୁ ସୁନ୍ଦର କରି ସୋସିଆଲ ମିଡ଼ିଆରେ ଅପଲୋଡ଼ କରିବା ପରେ ଲାଇକ, କମେଂଟ ଦେଖି ଖୁସି ହେଉଛନ୍ତି । କଳ୍ପିତ ଲାଇକ କି କମେଂଟ ନ ମିଳିଲେ ମାନସିକ ଯନ୍ତ୍ରଣା ଭୋଗୁଛନ୍ତି । ପୁଣି ଟ୍ରେଣ୍ଡ ଅନୁସରଣ କରିଦେଉଛନ୍ତି । ଲାଇକ, କମେଂଟ, ଫଲୋଅର୍ସଙ୍କ ସଂଖ୍ୟା ହିସାବ କରି ନିଜର ଆତ୍ମ ମୂଲ୍ୟାୟନ କରୁଛନ୍ତି । ଏହା ଏକ ବିରକ୍ତିକର ପ୍ରକ୍ରିୟା, ଯାହା ଅନେକଙ୍କ ମଧ୍ୟରେ ଉଦବେଗ ବିଷର୍ଣ୍ଣତା ଏବଂ ନୈରାଶ୍ୟ ଭରିଦେଉଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସାମାଜିକ ଗଣମାଧ୍ୟମରେ ପ୍ରଚଳିତ ଟ୍ରେଣ୍ଡର ପ୍ରଭାବ ଆମ ମାନଙ୍କ ନିତିଦିନିଆ ଜୀବନ ଉପରେ ଏତେ ଅଧିକ ମାତ୍ରାରେ ପଡୁଛି ଯେ ସତେ ଯେପରି ଏହି ଟ୍ରେଣ୍ଡ ନଥିଲେ ଆମ ଖାଦ୍ୟ ଶୈଳୀ ଓ ପୋଷାକ ପରିଧାନର ଶୈଳୀ ବୋଧ ହୁଏ ଭିନ୍ନ ହୋଇଥାନ୍ତା । ଅନେକ ତଥାକଥିତ ପ୍ରଚାରଧର୍ମୀ ଫାଷ୍ଟ ଫେସନ ଗୁଡ଼ିକ ଏପରି ଲୋକମାନଙ୍କ ଭିତରେ ଛାଇ ହୋଇଯାଉଛି ଯେ ସେଥିରୁ ବର୍ତିବା ସହଯେ ସମ୍ଭବ ହେଉନାହିଁ । ଉଦାହରଣ ବଶତଃ ଫାଷ୍ଟ ଫେସନ ଧାରା ସହ ସାମାଜିକ ଗଣମାଧ୍ୟମ ଯୋଗୁଁ ଟ୍ରେଣ୍ଡ କରୁଛି ଇଭିଲ ଆଇ ଫ୍ୟାସନ । ଇଭିଲ ଆଇ ବା ଖରାପ ନଜର ଯାହାକି ଏକ ପ୍ରକାର ନୀଳ ରଙ୍ଗର ମାଲି । ଯେଉଁଥିରେ କଳା ରଙ୍ଗର ଏକ ବିନ୍ଦୁ ରହିଥାଏ । ବିଶ୍ୱାସ ରହିଛି ଆଖି ପରି ଦେଖାଯାଉଥିବା ଏହି ମାଲିଟି କୁ ନଜରରୁ ରକ୍ଷା କରିଥାଏ । ଇଭିଲ ଆଇର ଟ୍ରେଣ୍ଡ ଏବେ ଏତେ ବ୍ୟାପିଗଲାଣି ଯେ ଏହି ଟ୍ରେଣ୍ଡର ମାୟାରେ ସାଧାରଣ ଜନତା ଠାରୁ ସେଲିବ୍ରେଟିଙ୍କ ପର୍ଯ୍ୟନ୍ତ ବି ବାୟା ହୋଇଗଲେଣି । ସାମାଜିକ ଗଣମାଧ୍ୟମ ଅନେକ ଜ୍ଞାନ ସୂଚୀତ କରେ ଓ ଅନେକ ଅଜଣା ତଥ୍ୟ ମଧ୍ୟ ଆମ ମାନଙ୍କୁ ଜଣାଇଥାଏ । ତେବେ ଘଂଟା ଘଂଟା ଧରି ଏହି ଟ୍ରେଣ୍ଡ ଭିତରେ ବିଶେଷକରି ସୋସିଆଲ ମିଡ଼ିଆ ଭିତରେ ଜଡ଼ିତ ରହିବା ଦ୍ୱାରା ଜଣଙ୍କର ସୃଜନଶୀଳତା କେବଳ ନଷ୍ଟ ହେଉନି ଏହାର ଗୁରୁତର ପ୍ରଭାବ ତାଙ୍କର ଜୀବନଚର୍ଯ୍ୟା ଉପରେ ପଡୁଛି । ଖାଇବା, ପିଇବା, ବସିବା-ଉଠିବା, ଅନ୍ୟ ମାନଙ୍କ ସହ ଯୋଡ଼ି ହେବା ଓ ନିଜର ତମାମର ଧରାବନ୍ଧା ରୁଟିନ ମଧ୍ୟ ବାଧା ପ୍ରାପ୍ତ ହେଉଛି । ନିଜେ ସୋସିଆଲ ମିଡ଼ିଆରେ ପଠାଇଥିବା ଟ୍ରେଣ୍ଡଟି ଲାଇକ କି କମେଂଟ ନ ଆସିଲେ ଅନେକଙ୍କ ଭିତରେ ଏପରି ବିରକ୍ତି ଓ ହତାଶ ଭାବ ସହ ଉତେଜନା ସୃଷ୍ଟି କରିଥାଏ ଯେ ସେମାନେ ମାନସିକ ଭାରସାମ୍ୟ ମଧ୍ୟ ହରାଇଥାନ୍ତି । ତେଣୁ ଏ କ୍ଷେତ୍ରରେ ସବୁଠାରୁ ବଡ଼ କଥା ହେଉଛି ନିଜର ସମୟର ମୂଲ୍ୟାୟନ ସହ ଦୈନନ୍ଦିନ ରୁଟିନ ବନ୍ଧା ଜୀବନଟିକୁ ମଧ୍ୟ ଦେଖନ୍ତୁ । କାରଣ ଭାବ ପ୍ରବଣତାର ଅନ୍ତହୀନ ବାସ୍ତବତାକୁ ଛୁଇଁବା ଅନେକଙ୍କ ପାଇଁ କେବଳ କଷ୍ଟକର ହୋଇନଥାଏ ବରଂ ବିଶାଦ ଓ ଅବସାଦର କାରଣ ହୋଇଥାଏ । ତେଣୁ ଜଣେ ଏହିପରି ଫିୟର ଅଫ ମିସିଂ ଆଉଟ ବା ହର୍ଡ଼ ମେଂଟାଲିଟିର ଶିକାର ହୋଇଥିଲେ ପୀଡ଼ିତର ପାଖ ଲୋକମାନେ ଆଦୌ ଅଧୈର୍ଯ୍ୟ ନହୋଇ ବରଂ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ତାଙ୍କ ପାଇଁ ଏକ ଭଲ ରୁଟିନଟି ତିଆରି କରନ୍ତୁ ଏବଂ ସର୍ବୋପରି ତାଙ୍କ ସହିତ ଗଭୀର ଆତ୍ମୀୟତା ବଢ଼ାଇ କିଛି ସମୟ ଏକାଗ୍ରତାର ଲୟ ଶିଖାନ୍ତୁ । ସୋସିଆଲ ମିଡ଼ିଆକୁ ନେଇ ତାଙ୍କ ଭିତରେ ରହିଥିବା ଅହେତୁକ ଦୁର୍ବଳତାକୁ ପ୍ରଶମିତ କରିବା ପାଇଁ ପରିବାରର ଲୋକ ଓ ଆତ୍ମୀୟ ମାନଙ୍କର ଗୁରୁ ଦାୟିତ୍ୱ ରହିଛି ।

ମାନସିକ ରୋଗ ବିଶେଷଜ୍ଞ,
ଦି'ବ୍ରେନ୍, ପୁରୀଘାଟ ରୋଡ଼,
କଟକ,
ଦୂରଭାଷ : ୯୧୩୨୪୩୩୩୩୩

କଥା ଇଭିଏମ୍‌ରୁ ଆଗକୁ ଚାଲିଗଲାଣି

ଗୋପାଳ ମହାପାତ୍ର

ଭାରତ ବର୍ଷକୁ ଗଣତନ୍ତର ଜନନୀ ବୋଲି କୁହାଯାଏ । ଭାରତବର୍ଷର ନିର୍ବାଚନ ସାରା

ଜିଲ୍ଲା କଂଗ୍ରେସର କାର୍ଯ୍ୟ କାରିଣୀ ବୈଠକ ଅନୁଷ୍ଠିତ

କେନ୍ଦ୍ରାପଡା : ଆଜି କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀ ଜିଲ୍ଲା କଂଗ୍ରେସ ପକ୍ଷରୁ କେନ୍ଦ୍ରାପଡ଼ାର ପର୍ଯ୍ୟବେକ୍ଷକ ସତ୍ୟବ୍ରତ ବେହେରାଙ୍କ ପରାମର୍ଶ କ୍ରମେ ପୂର୍ବତନ ବିଧାୟିକା ତଥା କେନ୍ଦ୍ରାପଡ଼ା ବିଧାନ ସଭା ବିଧାୟିକା ପ୍ରାର୍ଥୀ ଡକ୍ଟର ସିପ୍ରା ମଲ୍ଲିକଙ୍କ ନେତୃତ୍ୱରେ କେନ୍ଦ୍ରାପଡ଼ା ଜାଇକା ସ୍ଥିତ କଂଗ୍ରେସ୍ ଭବନରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀ ସ୍ତରରେ କଂଗ୍ରେସ ସଂଗଠନକୁ ଅଧିକ କ୍ରିୟାଶୀଳ ଓ ମଜ୍ ବୁତ୍ କରିବା ଲକ୍ଷ୍ୟରେ କାର୍ଯ୍ୟ କାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ନିଜେ କଂଗ୍ରେସ୍ ନେତ୍ରୀ ସିପ୍ରା ମଲ୍ଲିକ ସଭାପତିତ୍ୱ କରିଥିଲେ। ପ୍ରଥମେ କେନ୍ଦ୍ରାପଡା କଂଗ୍ରେସ୍ ଭବନରେ ଅରିଯୋର ଶୃଣାଣୀ ପ୍ରକୋଷ୍ଠ ଖୋଲିବାକୁ ଆଲୋଚନା କରାଯାଇଥିଲା। ଏହି ବୈଠକରେ ୧୩୦ ତମ ସମ୍ବିଧାନ ସଂଶୋଧନକୁ ବିରୋଧ ସହ ଅଞ୍ଚଳ ଭାରତୀୟ କଂଗ୍ରେସ ନେତା ରାହୁଲ୍ ଗାନ୍ଧୀଙ୍କ ଭୋଟ ଚୋରି ପ୍ରସଙ୍ଗକୁ ସମର୍ଥନ ଜଣାଇବାକୁ ଉଦ୍ୟମ କରିବା ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଏହି ବୈଠକରେ ୧୩୦ ତମ ସମ୍ବିଧାନ ସଂଶୋଧନକୁ ବିରୋଧ ସହ ରାହୁଲ୍ ଗାନ୍ଧୀଙ୍କ ଜଣତନ୍ତ୍ର ସୁରକ୍ଷା କାର୍ଯ୍ୟକ୍ରମକୁ ସ୍ୱାଗତ କରାଯାଇଥିଲା। ଉକ୍ତ ବୈଠକରେ କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀ ସମସ୍ୟା ବିରୋଧରେ ବିପରି ନିର୍ବାଚନ ମଣ୍ଡଳୀ ସ୍ତରରେ ବିରୋଧ ଓ ଆନ୍ଦୋଳନକୁ ସକ୍ରିୟ କରାଯିବ ସେ ନେଇ ବିଶେଷ ଆଲୋଚନା କରିଥିଲେ ବିଧାୟିକା ପ୍ରାର୍ଥୀ ଡକ୍ଟର ସିପ୍ରା ମଲ୍ଲିକ। ଏହି ବୈଠକରେ କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ୍ ସଂଯୋଜକ ପ୍ରଫୁଲ୍ଲ ଦାସ, ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣ ଖଟୁଆ, ପୂର୍ବତନ କେନ୍ଦ୍ରାପଡା ପୌରାଧକ୍ଷ ଆଜତର ଅଲ୍ଲୀ, ପ୍ରଦେଶ କଂଗ୍ରେସ କମିଟି ସଦସ୍ୟା ସଞ୍ଚିତା ପଣ୍ଡା,ବରିଷ୍ଠ କଂଗ୍ରେସ ନେତା ବସନ୍ତ ସେଠୀ, ବରିଷ୍ଠ ଆଇନ୍ ଜିବା ବିଧୁ ଭୂଷଣ ମହାପାତ୍ର, ଯୁବ ନେତା ରଞ୍ଜିତରଞ୍ଜନ ଚୌଧୁରୀ, ବିପୁଦ ମହାନ୍ତି, ନିଲୋ ଖାଁ,ହିମାଂଶୁ ନନ୍ଦ , ସେଖ ଆନସ, ସେଖ ଜାଲା, ସେଖ ଜଲାଲ ଉଦ୍ଦିନ , ଭଳି ଅନେକ ବରିଷ୍ଠ ନେତା ଓ କର୍ମଠକ ଉପସ୍ଥିତ ରହି ବୈଠକକୁ ସଫଳ କରିଥିଲେ।

ଜାତୀୟ ପାୱାରଲିପଟିଙ୍ଗ ପ୍ରତିଯୋଗିତାରେ ସମ୍ବଲପୁରକୁ ମିଳିଲା ୧୫ ପଦକ

ସମ୍ବଲପୁର, : ଝାଡ଼ଖଣ୍ଡର ଜାମସେଦପୁର ଠାରେ ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ଜାତୀୟ ପାୱାରଲିପଟିଙ୍ଗ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏଥିରେ ସାରା ଦେଶରୁ ୭୨୫ ଏବଂ ଓଡ଼ିଶାରୁ ୫୫ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ଓଡ଼ିଶାରୁ ଯାଇଥିବା ଦଳ ୨୭ ଟି ପଦକ ହାସଲ କରିଥିବା ବେଳେ ସମ୍ବଲପୁର ଦଳ ୧୫ ଟି ପଦକ ହାସଲ କରିଛନ୍ତି। ଅନ୍ ଲାଇନ୍ ପ୍ରତିଯୋଗିତାରେ ସମ୍ବଲପୁରର ସାଗରିକା ରାୟ ୬୯ କିଗ୍ରା ବର୍ଗରେ ସ୍ୱର୍ଣ୍ଣ,ପ୍ରିୟଂଶା ପରିଡ଼ା ୫୨ କିଗ୍ରା ବର୍ଗରେ କାଂସ୍ୟ, ଦ୍ରୌପଦୀ ଧନୁଆ ୫୬ ବର୍ଷ ବର୍ଗରେ ସ୍ୱର୍ଣ୍ଣ, ସୁନିତା ନାୟକ ୭୬ କିଗ୍ରା ବର୍ଗରେ ସ୍ୱର୍ଣ୍ଣ, ଭଳି ପୂଜାରୀ ୮୪ କିଗ୍ରା ବର୍ଗରେ କାଂସ୍ୟ, ସୋମନାଥ ପଟ୍ଟନାୟକ ୧୨୦ କିଗ୍ରା ବର୍ଗରେ ରୌପ୍ୟ ଏବଂ ଦିବ୍ୟା କୁମାର ବେହେରା ୧୨୦ ପ୍ଲୁ ଉର୍ଦ୍ଧ୍ୱ କିଗ୍ରା ବର୍ଗରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସେହିଭଳି ଇକ୍ୟୁପଡେ ବେଞ୍ଚପ୍ରେସ ବର୍ଗରେ ଜମିଲ ବେହେରା ୫୨ କିଗ୍ରା ବର୍ଗରେ ରୌପ୍ୟ, ସାଗରିକା ରାୟ ୭୨ କିଗ୍ରା ବର୍ଗରେ ସ୍ୱର୍ଣ୍ଣ, ଚନ୍ଦନୀ ଶର୍ମା ୮୪ କିଗ୍ରା ବର୍ଗରେ ସ୍ୱର୍ଣ୍ଣ ଏବଂ ସୋମନାଥ ପଟ୍ଟନାୟକ ୧୨୦ କିଗ୍ରା ବର୍ଗରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସମ୍ବଲପୁର ଦଳକୁ ସମୁଦାୟ ୧୦ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୨ କାଂସ୍ୟ ପଦକ ନେଇ ଆଜି ସମ୍ବଲପୁର ଫେରିବା ପରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧିତ କରାଯାଇଥିଲା।

ଓଡିଶା ସରକାରଙ୍କ ଦ୍ୱାରା ପ୍ରୟୋଜିତ ଅନ୍ତଃ ଜିଲ୍ଲା ଏକ୍ସପୋଜ ଭିଜିଟ କାର୍ଯ୍ୟକ୍ରମ

ସମ୍ବଲପୁର : ଓଡିଶା ସରକାରଙ୍କ ଦ୍ୱାରା ପ୍ରୟୋଜିତ ଅନ୍ତଃ ଜିଲ୍ଲା ଏକ୍ସପୋଜ ଭିଜିଟ କାର୍ଯ୍ୟକ୍ରମ ଜରିଆରେ ନୟାଗଡ଼ ଜିଲ୍ଲାର ୪୧ ଜଣିଆ ଦଳ ଅଗଷ୍ଟ ୧୮ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ଜିଲ୍ଲାକୁ ପରିଦର୍ଶନ କରିବାକୁ ଆସିଥିଲେ ।ଏଥିରେ ନୟାଗଡ଼ ଜିଲ୍ଲା ପରିଷଦର ମୁଖ୍ୟ ଜନ୍ୟୁୟନ ଅଧିକାରୀ,ସଭାପତି, ଉପସଭାପତି, ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା,ପଞ୍ଚାୟତ ସମିତି ସଭ୍ୟ/ସଭ୍ୟା,ବିଭିନ୍ନ ବ୍ଲକ ସ୍ତ୍ରୀମ ପଞ୍ଚାୟତ ଉନ୍ନୟନ ଅଧିକାରୀ,ପି ଇ ଓ,ଜିଲ୍ଲା ପରିଷଦ,ଜିଲ୍ଲା ପରିଷଦ କାର୍ଯ୍ୟକ୍ରମ ପରିଚାଳକ (ଦକ୍ଷତା ବିକାଶ),କାର୍ଯ୍ୟକ୍ରମ ପରିଚାଳକ(ସ୍ତ୍ରୀମୀଣ ଘର),ଡିପିଏମ୍(ଆର ଡି ଏସ ଏ)ଜିଲ୍ଲା ପଞ୍ଚାୟତ ସାଧନା ଦେହୁରି ଥିଲେ,ଗତ ତିନି ଦିନରେ ଏହି ଦଳ ସମ୍ବଲପୁର ଜିଲ୍ଲାର ଧନକଉଡା ବ୍ଲକର କୋଡୋଲା ପଞ୍ଚାୟତ, ରେଙ୍ଗାଲି ବ୍ଲକର ରେଙ୍ଗାଲି ପଞ୍ଚାୟତ ଏବଂ ରେବ୍ନାଖୋଲ ବ୍ଲକର ଜଦଲାରଡ଼ ପଞ୍ଚାୟତର ସରକାରଙ୍କ ପକ୍ଷରୁ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ବୁଜିବ ପରିଦର୍ଶନ କରିଥିଲେ ।ଏହା ବ୍ୟତୀତ ହୀରାକୁଦ ଜଳଭଣ୍ଡାର ଓ ମା ସମଲେଶ୍ୱରୀ ମନ୍ଦିର ର ଦର୍ଶନ କରିଥିଲେ ।ଏହି କାର୍ଯ୍ୟକ୍ରମ ସମ୍ବଲପୁର ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ପ୍ରସନ୍ନ ପାତ୍ର,ପ୍ରିୟମଦା ଜୁଲ୍ଲ,ଜି ପି ଏମ (ଆର ଡି ଏସ ଏ)ଉଦ୍ୟାନୀ ଶଙ୍କର ପ୍ରହରାଜ ଏବଂ ନବୀନ ଜୁମାର ପଞ୍ଚାୟତ ପ୍ରମୁଖ ପରିଚାଳନା କରିଥିଲେ ।

ଚାରିଛକ ପୋଲିସର ଅଚାନକ ଚଢାଉ

ଜଣେ ଗିରଫ, ଗଞ୍ଜେଇ ସହିତ ନଗଦ ଟଙ୍କା ଜବତ

ଚାରିଛକ : ଚାରିଛକ ପୁଲିସ ଆଜି ଏହି ଥାନା ଅନ୍ତର୍ଗତ ସଭାମଣ୍ଡପ ନିକଟରେ ଗଂଜେଇ ବିକ୍ରି ହେଉଥିବା ନେଇ ନିଶ୍ଚିତ ସୂତ୍ରରୁ ଖବର ପାଇ ସେଠାରେ ଅଚାନକ ଚଢଉରି ଜଣେ ଯୁବକକୁ ଗିରଫ କରିବା ସହିତ ତା ନିକଟରୁ ୧କେଜି ୮୫୦ ଗ୍ରାମ ଓଜନର ଗଂଜେଇ,ଗୋଟିଏ ସ୍କୁଟି ଗାଡି ନଂ ଓଡି ୧୩ ଏମ ୪୯୭୬ ଓ ନଗଦ ୩୬ ହଜାର ଟଙ୍କା ଜବତ କରିଥିବା ଜଣାପଡିଛି । ପୁରା ଆରକ୍ଷା ଅଧିକ୍ଷକଙ୍କ ନିର୍ଦ୍ଦେଶ

କ୍ରମେ ଅତିରିକ୍ତ ଆରକ୍ଷା ଅଧିକ୍ଷକ ସଚିନ ପଟେଲ,ନିମାପଡା ଏସଡିପିଓ ଜନାର୍ଦନ ପାତ୍ରୀ, ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇ ସେଥିରେ ଏସଆଇ କୃଷ୍ଣଚନ୍ଦ୍ର ପୃଷ୍ଟି,ଏଏସଆଇ ସବିତା ଜୁମାରୀ ଦେବୀ,ଏଏସଆଇ ବୁଢୁରାମ ମୁର୍ମୁ,ଏଏସଆଇ ଇନ୍ଦ୍ରଜିତ ମିଶ୍ର ଓ ଜଣେ ବେହେରା ପ୍ରମୁଖ ସଦଳବଳେ ବୁଜସାମୁର ନିକଟସ୍ଥ ସଭାମଣ୍ଡପ ନିକଟରେ ବିକ୍ରା କରୁଥିବା ବେଳେ ଚଢଉରି ସାଗର ପଣ୍ଡା(୨୬) ନାମକ ଜଣେ ଯୁବକକୁ ଗିରଫ କରିବା ସହିତ ତା ନିକଟସ୍ଥ ୧କେଜି ୮୫୦ ଗ୍ରାମ ଗଂଜେଇ ,ନଗଦ ୩୬ ହଜାର ଟଙ୍କା ଓ ଗୋଟିଏ ସ୍କୁଟି ଗାଡି ଜବତ କରିବା ସହିତ ଯୁବକଙ୍କ ନାମରେ ୧୦୧/୨୫ ଏନ.ଡି. ପି. ଏସ୍. ଆକ୍ଟ ରେ ଏକ ମାମଲା ରୁଜୁ କରି ତାକୁ କୋର୍ଟ ଚାଲଣ କରାଯାଇଛି । ଏନେଇ ଚାରିଛକ ଥାନା ଅଧିକାରୀ ଏକ ସାମାଦିକ ପତ୍ରିକାକୁ କରି ଜଣାଇଛନ୍ତି ।

ସମ୍ବଲପୁରୀ ଡେରାରେ ବସିବ ନୂଆଁଖାଇ ହାଟ

ଗୋଟିଏ ସ୍ଥାନରେ ମିଳିବ ନୂଆଁଖାଇର ସମସ୍ତ ସାମଗ୍ରୀ

ସମ୍ବଲପୁର, : ପଶ୍ଚିମାଂଚଳ ଏକତା ମଂଚ ପକ୍ଷରୁ ଗୁରୁଶ୍ରୀ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଆଗାମୀ ନୂଆଖାଇ ପର୍ବ ପାଇଁ ଏକ ହାଟର ଆୟୋଜନ କରାଯିବା ପାଇଁ ଉକ୍ତ ହାଟର ସ୍ଥାନ ପରିଦର୍ଶନ କରାଯାଇଛି। ନୂଆଁଖାଇ ପାଇଁ ପଶ୍ଚିମ ଓଡିଶାର ବିଭିନ୍ନ ଝାଁ ସହଜିରେ ସ୍ୱତନ୍ତ୍ର ବଜାର ବସିଥାଏ। ସେହି ବଜାରରେ ନୂଆଁଖାଇର ସମସ୍ତ ସାମଗ୍ରୀ କୋକେ କିଣାବିକି କରିଥାଆନ୍ତି। ସେଥିପାଇଁ ନୂଆଁଖାଇ ବଜାର ନୂଆଁଖାଇ ଆଗମନର ସୂଚକ ସ୍ୱରୂପ ହୋଇଥାଏ । ତେବେ ସମ୍ବଲପୁର ଭଳି ସହରରେ ବୈନନ୍ଦିନ ବଜାରରେ ହିଁ ନୂଆଁଖାଇର ସମସ୍ତ ସାମଗ୍ରୀ କିଣିଥାଆନ୍ତି। ସେଥିପାଇଁ ସମ୍ବଲପୁର ସହରର ବିଭିନ୍ନ ଛକରେ ବସୁଥିବା ବଜାରରେ ଅହେତୁକ ଭିଡ ସହ ଟ୍ରାଫିକ୍ ସମସ୍ୟା ମଧ୍ୟ ଦେଖିବାକୁ ମିଳିଥାଏ। ସେଥିପାଇଁ ସମ୍ବଲପୁରୀ ସଂସ୍କୃତିର ଅଂଶ ବିଶେଷ ନୂଆଁଖାଇକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଡେର ଛକ ନିକଟରେ ଥିବା ଗୁରୁଶ୍ରୀ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଚଳିତ ବର୍ଷ ସ୍ୱତନ୍ତ୍ର ନୂଆଁ ଖାଇ ହାଟ ବସାଇବା ପାଇଁ ଆୟୋଜିତ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହାଦ୍ୱାରା ଗୋଟିଏ ସ୍ଥାନରେ ନୂଆଁଖାଇ ଉପଲକ୍ଷେ ସମସ୍ତ ସାମଗ୍ରୀ ସୁବିଧାରେ ଲୋକେ ପାଇପାରିବେ। ସମ୍ବଲପୁରୀ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା ନିର୍ମାଣ କରାଯାଇଥିବା ବେଳେ ନୂଆଁଖାଇ ହାଟ ପାରମ୍ପାରିକ ସଂସ୍କୃତିର ପ୍ରଦର୍ଶନ ଏବଂ ଭାବନାକୁ ଉଦଜି ହୀତ କରିବାରେ ସହାୟକ ହେବ ବୋଲି ପଶ୍ଚିମାଂଚଳ ଏକତା ମଂଚର ଉପଦେଷ୍ଟା ଡ. ପ୍ରମୋଦ ଗଡ ଜଡିଛନ୍ତି। ଏହି ପ୍ରସ୍ତାବିତ ହାଟରେ ସମ୍ବଲପୁର ଜିଲ୍ଲା ପ୍ରଶାସନ ସହଯୋଗ କରିବାକୁ ମଧ୍ୟ ଶ୍ରୀ ଗଡ ଆହ୍ୱାନ ଜଣାଇଛନ୍ତି। ଅନ୍ୟପକ୍ଷରେ ପଶ୍ଚିମାଂଚଳ ଏକତା ମଂଚ ପକ୍ଷରୁ ଡେରା ପରିସରରେ ଭବାନୀଶ ଲୋଇଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଏନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ନୂଆଁଖାନ ସହ ନୂଆଁଖାଇରେ ବ୍ୟବହୃତ ନୂଆ ସାମଗ୍ରୀ ବିକ୍ରୟ ବ୍ୟବସ୍ଥା କରାଯିବା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଏଥିପାଇଁ ଦୋକାନୀ ମାନଙ୍କୁ ଯୋଗାଯୋଗ ସହ ନୂଆଁଖାଇ ହାଟର ପ୍ରଚାର ପ୍ରସାର ପାଇଁ ଦାୟିତ୍ୱ ବଂଟନ କରାଯାଇଥିଲା। ନୂଆଁଖାଇ ହାଟର ଆୟୋଜନ ସଫଳ ହେଲେ ଆଗାମୀ ଦିନରେ ସମ୍ବଲପୁରୀ ସଂସ୍କୃତି ସହ ଜଡିତ ଅନ୍ୟାନ୍ୟ ଆୟୋଜନ ସମ୍ବଲପୁରୀ ଡେରା ପରିସରରେ କରାଯିବ ବୋଲି ମଂଚର ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବଢି ସୂଚନା ଦେଇଛନ୍ତି।

ବିଜେପି ମଣ୍ଡଳସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ

ନିମାପଡ଼ା : ଏ ସରକାର ସାଧାରଣ ଲୋକଙ୍କ ସରକାର। ଲୋକଙ୍କ ପାଖକୁ ଯାଅ, ସେମାନଙ୍କର ସମସ୍ୟା ବୁଝ, ସମସ୍ୟାର ତ୍ୱରିତ ସମାଧାନ କର। ତେବେଯାଇ ଦଳ ମଜବୁତ ହବ, ସଂଗଠନ ଶକ୍ତିଶାଳୀ ହବ। ନିମାପଡ଼ା ନିର୍ବାଚନମଣ୍ଡଳୀ ବିଜେପି ମଣ୍ଡଳସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗାଉନଛଳ ପରିସରରେ ଅନୁଷ୍ଠିତ ବୈଠକରେ ନିମାପଡ଼ା ବିଧାୟିକା ତଥା ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ଦଳକୁ ତୃଣମୂଳ ସ୍ତରରୁ ଅଧିକ ମଜବୁତ କରିବା ନିମନ୍ତେ ବର୍ମା, ନେତୃତ୍ୱ ମାନଙ୍କୁ ଏହି ମହାମନ୍ତ୍ର ପ୍ରଦାନ କରିଥିଲେ। ଦଳକୁ ଅଧିକ ମଜବୁତ କରିବା ଉଦ୍ଦେଶ୍ୟରେ ସମସ୍ତ ମଣ୍ଡଳ ସଭାପତି ନିଜନିଜ ମଣ୍ଡଳର କମିଟି ଘୋଷଣା କରିଥିଲେ। ଜିଲ୍ଲା ସଭାପତି ଡ଼ଃ ଦେବେନ୍ଦ୍ର ନାଥ ତରାଇ, ଗୋପ ବ୍ଲକ ଉପାଧକ୍ଷ ବନବିହାରୀ ପଟ୍ଟନାୟକ, ସଂସଦ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ମିନଲତା ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟା ପ୍ରମୋଦ ରାୟ ପ୍ରମୁଖ ଯୋଗଦେଇ କର୍ମୀମାନଙ୍କୁ ଉଦ୍ବୋଧିତ କରିଥିଲେ। ଏନଏସି ୨ନମ୍ବର ୱାର୍ଡ଼ କାଉନସିଲର ତଥା ବରିଷ୍ଠ ନେତା ନିରଞ୍ଜନ ନାୟକଙ୍କୁ ନଗର ସଭାପତି,ସାଇ ପ୍ରୀତମ ପଟ୍ଟନାୟକଙ୍କୁ ନଗର ମଣ୍ଡଳ ଯୁବମୋର୍ଚ୍ଚା ସଭାପତି, ଜ୍ୟୋତିରଞ୍ଜନ ସାହୁଙ୍କୁ ନଗର ମଣ୍ଡଳ ସାଧାରଣ ସମ୍ପାଦକ ଏବଂ ସତ୍ୟଶିତ ରାଉତଙ୍କୁ ନଗର ମଣ୍ଡଳ କୋଷାଧକ୍ଷ ରୂପେ ମନୋନୀତ କରାଯାଇଥିବାରୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

କାଳିକାପ୍ରସାଦ ନିକଟସ୍ଥ ତାରିଣୀ ମନ୍ଦିର ସାମନାରେ ଟ୍ରକ୍ ଗାଡ଼ି ଦୁର୍ଘଟଣାଗ୍ରସ୍ତ

କାଳିକାପ୍ରସାଦ : କାଳିକା ପ୍ରସାଦ ନିକଟସ୍ଥ ତାରିଣୀ ମନ୍ଦିର ସାମନାରେ ଟ୍ରକ୍ ଗାଡ଼ି ଦୁର୍ଘଟଣାଗ୍ରସ୍ତ। ସୂଚନା ମୁତାବକ, କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ କାଳିକା ପ୍ରସାଦ ନିକଟସ୍ଥ ତାରିଣୀ ମନ୍ଦିର ସାମନାରେ ଏକ ଟ୍ରକ ଗାଡ଼ି ଦିପରାତ ଦିଗରୁ ଆସୁଥିବା ଅନ୍ୟ ଏକ ଟ୍ରକ ଗାଡ଼ି ସହିତ ମୁହାଁମୁହିଁ ଧକ୍କା ହେବାରୁ ଦୁର୍ଘଟଣାଗ୍ରସ୍ତ ହୋଇଛି। ବିପରୀତ ଦିଗରୁ ଆସୁଥିବା ଟ୍ରକ୍ ଗାଡ଼ି ଡ୍ରାଇଭର ର ବୃତ ଗତିରେ ଏବଂ ବେପାରୁଆ ଗାଡ଼ି ଚାଳନା ଯୋଗୁଁ ଟ୍ରକ୍ ଟ୍ରକ୍ ମଧ୍ୟ ରେ ମୁହାଁ ମୁହିଁ ଧକ୍କା ହୋଇଛି। ଫଳରେ ଟ୍ରକ୍ ଗାଡ଼ି ର ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଉକ୍ତ ଟ୍ରକ ଗାଡ଼ି ଡ୍ରାଇଭର କୁ ଗୁରୁତର ଅବସ୍ଥାରେ ଆହତ ଅବସ୍ଥାରେ ଚମ୍ପୁଆ ଉପଖଣ୍ଡ ଡୋକ୍ଷୀ ଡିଭିସାଇଡ ରେ ଭର୍ତ୍ତି କରିଛନ୍ତି। ଖବର ପାଇ ଗିମ୍ବନି ଫାଣ୍ଡି ର ପେକିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ର ତଦନ୍ତ କରୁଛନ୍ତି।

ଜେନେରାଲି କେନ୍ଦ୍ରୀୟ ବୀମା ଦ୍ୱାରା ସ୍ୱାସ୍ଥ୍ୟ ଏକ୍ସଟ୍ରା ବୀମା ଦିଗରେ ଏକ ବିଶାଳ ପଦକ୍ଷେପ

ଭୁବନେଶ୍ୱର : ଜେନେରାଲି ସେଣ୍ଟ୍ରାଲ ଇନସ୍ୟୁରାନ୍ସ କମ୍ପାନି ଲିମିଟେଡ୍ ପକ୍ଷରୁ ହେଲ୍ଥ ଏକ୍ସଟ୍ରା ନାମକ ଏକ ନୂଆ ଅଫରର ଶୁଭାରମ୍ଭ କରାଯାଇଛି। ଏକ ବିସ୍ତୃତ ସ୍ୱାସ୍ଥ୍ୟ ବୀମା ଯୋଜନା, ହେଲଥ ଏକ୍ସଟ୍ରାରେ ଡାକ୍ତରଖାନାରେ ଭର୍ତ୍ତି ହେବା ପୂର୍ବରୁ ଚିକିତ୍ସା ଏବଂ ଡାକ୍ତରଖାନାରେ ଭର୍ତ୍ତି ହେବା ପରବର୍ତ୍ତୀ ଖର୍ଚ୍ଚ, ସଡ଼କ ଆମ୍ବୁଲାନ୍ସ ଖର୍ଚ୍ଚ, ଆଧୁନିକ ଚିକିତ୍ସା, ଆୟୁଷ ଚିକିତ୍ସା ଏବଂ ଓପିଡି ସୁବିଧା ସହିତ ଅତିରିକ୍ତ ଅନ୍ୟାନ୍ୟ ମୂଲ୍ୟ ଯୁକ୍ତ ସେବା ଏବଂ ସୁସ୍ଥତା ଯତ୍ନ ଅନ୍ତର୍ଭୁକ୍ତ ହେବ । ଜେନେରାଲି ସେଣ୍ଟ୍ରାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡର ମୁଖ୍ୟ ବିତରଣ ଅଧିକାରୀ ରମିତ୍ ଗୋୟଲ ହେଲ୍ଥ ଏକ୍ସଟ୍ରାର ଶୁରାରମ୍ଭ ଅବସରରେ କହିଛନ୍ତି ଯେ "ବର୍ତ୍ତମାନର ଆକଳନରୁ ଜଣାପଡ଼ୁଛି ଯେ ଭାରତର ପ୍ରାୟ ଏକ ତୃତୀୟାଂଶ ଜନସଂଖ୍ୟା ଜୈଣସି ପ୍ରକାରର ସ୍ୱାସ୍ଥ୍ୟ ଚାମାରୁ ବଂଚିତ ଅଛନ୍ତି । ୨୦୪୭ ସୁଦ୍ଧା 'ସମସ୍ତଙ୍କ ପାଇଁ ବୀମା'ର ମହତ୍ୱାକାଂକ୍ଷା ଲକ୍ଷ୍ୟକୁ ସାକାର କରିବା ପାଇଁ, ସ୍ୱାସ୍ଥ୍ୟ ବୀମା ପ୍ରଭାବ ବିକଶିତ କରିବା ଜରୁରୀ ଯାହା ସମାଜର ପ୍ରତ୍ୟେକ ବର୍ଗର ବ୍ୟକ୍ତିବିଶେଷଙ୍କ ବିବିଧ ଆବଶ୍ୟକତାକୁ ପୂରଣ କରେ । ଆମେ ବିଶ୍ୱାସ କରୁ ଯେ ଚିନ୍ତାଶୀଳ ଭାବରେ ଡିଜାଇନ୍ କରାଯାଇଥିବା, ଉପଯୁକ୍ତ ମୂଲ୍ୟର ସ୍ୱାସ୍ଥ୍ୟ ବୀମା ଉତ୍ପାଦଗୁଡିକ ଜଉରେଜକୁ ତ୍ୱରାନ୍ୱିତ କରିବା ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରେ ।

କେଶାଇବାହାଲ ବିଜିଡ଼ି କଲେଜରେ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ

କୁଚିଣ୍ଡା, : ବାସୁଦେବ ଗୋବାବରୀ ଡିଗ୍ରୀ କଲେଜ ଠାରେ ଓଡ଼ିଆ ସରକାରଙ୍କ ପ୍ରଯୋଜିତ ଷ୍ଟାର୍ଟଅପ୍ ଓ ଇନୋଭେଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଧକ୍ଷ ଦୟାସାଗର ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ସବ ରେଜଷ୍ଟ୍ରର ସଂଯୋଜକ ଅଧ୍ୟାପକ ହରେଶ କୁମାର ମାହୁ ମୁଖ୍ୟଭଲ୍ଲା ଭାବରେ ପରିଚାଳନା କରିଥିଲେ ଏବଂ ଛାତ୍ରଛାତ୍ରୀମାନେ କିପରି ସଫଳ ଉଦ୍ୟୋଗୀ ତଥା ସ୍ୱାବଲମ୍ବୀ ହୋଇପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ । ଅର୍ଥନୀତି ବିଭାଗ ମୁଖ୍ୟ ରୋସନ୍ ଦର ଶର୍ମା ଏବଂ ଏହି କାର୍ଯ୍ୟକ୍ରମର ସଂଯୋଜକ

ନବଦର୍ଶନ ପ୍ରତିଫଳନ ସମାରୋହ ୨୦୨୫: ଏକ ଅନ୍ତର୍ଭୁକ୍ତିକରଣ ଏବଂ ବିକଶିତ ଓଡ଼ିଶା ପାଇଁ ପଥ ପ୍ରଶସ୍ତ କରୁଛି

ଭୁବନେଶ୍ୱର : ଜି-ଗାର୍ଡ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ଓଡ଼ିଶା ରାଇଜିଂ ଫାଉଣ୍ଡେସନ୍ (ଓଆରଏଫ) ସହିତ ମିଳିତ ଭାବରେ, ଭୁବନେଶ୍ୱରରେ ନବଦର୍ଶନ ପ୍ରତିଫଳନ ସମାରୋହ ୨୦୨୫ ଆୟୋଜନ କରାଯାଇଛି। ଜି-ଗାର୍ଡର ସିଏସଆର ପ୍ରୟାସ ନବଦର୍ଶନର ଅଂଶ ଭାବରେ ଆୟୋଜିତ ଏହି କାର୍ଯ୍ୟକ୍ରମ, ଅନ୍ତର୍ଭୁକ୍ତ ବିକାଶରେ ପ୍ରଗତିକୁ ପାଳନ କରିବା ଏବଂ କାର୍ଯ୍ୟକ୍ରମର ଭବିଷ୍ୟତ ଦୃଷ୍ଟିକୋଣ ପ୍ରସ୍ତୁତ କରିବା ପାଇଁ ପିଲା, ଅଭିଭାବକ, ଶିକ୍ଷକ, ନୀତି ନିର୍ଦ୍ଧାରକ, କର୍ପୋରେଟ୍ ପ୍ରତିନିଧି ଏବଂ ନାଗରିକ ସମାଜ ଅଂଶୀଦାରମାନଙ୍କୁ ଏକତ୍ର କରିଥିଲା। ପାଞ୍ଚ ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ନବଦର୍ଶନ ଦ୍ୱତ୍ତ ବିଦ୍ୟାଳୟଗୁଡ଼ିକରେ ଶିକ୍ଷାର ଗୁଣବତ୍ତା ଉନ୍ନତ କରିବା ଉପରେ ଧ୍ୟାନଦେଇଛି। ଶିକ୍ଷକ ତାଲିମ ଏବଂ ଡିଜିଟାଲ ସହାୟତା ପ୍ରଦାନ କରିବା ସହିତ ସାମାଜିକ ଦକ୍ଷତା ବୃଦ୍ଧି ପାଇଁ ଚିକିତ୍ସା ସହାୟତା ଏବଂ ବୌଦ୍ଧିକ ଭାବରେ ଦିବ୍ୟାଙ୍ଗ ପିଲାମାନଙ୍କ ପାଇଁ ବୃତ୍ତିଗତ ତାଲିମ ପ୍ରଦାନ କରୁଛି। ଏନଜିଓ ସହିତ ସହଭାଗିତା ମାଧ୍ୟମରେ,

ଏହି ପଦକ୍ଷେପ ଓଡ଼ିଶା, ଜେରଖ, ତେଲେଙ୍ଗାନା ଏବଂ କର୍ଣ୍ଣାଟକର ୪୦ ଟି ସ୍ୱତନ୍ତ୍ର ବିଦ୍ୟାଳୟର ୪,୦୦୦ ରୁ ଅଧିକ ବୌଦ୍ଧିକ ଭାବରେ ଅକ୍ଷମ ପିଲାଙ୍କ ନିକଟରେ ପହଂଚିଛି। ମାର୍ଚ୍ଚ ୨୦୨୫ ସୁଦ୍ଧା, ଜି-ଗାର୍ଡ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଏହି ପ୍ରୟାସରେ ୩.୬୪୩୧ କୋଟିର୍ ଅଧିକ ନିବେଶ କରିଛି। କେବଳ ଓଡ଼ିଶାରେ, ଏହି କାର୍ଯ୍ୟକ୍ରମ ଖୋର୍ଦ୍ଧା, ପୁରୀ, କଟକ, ନୟାଗଡ଼ ଏବଂ ଢେଙ୍କାନାଳ ଆଦି ପଂଚଟି ଜିଲ୍ଲାର ୧୦ ଟି ବିଦ୍ୟାଳୟର ୧,୦୦୦ ପିଲାଙ୍କୁ ଉପକୃତ କରି ପାରିଛି। ପିଲା ଏବଂ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ସହିତ ସମାରୋହର ଶୁଭାରମ୍ଭ ହୋଇଥିଲା। ତା'ପରେ ଭାରତୀୟ ସାଇକୋଲିନ ଭାଷାରେ ସ୍ୱାଗତ ସଙ୍ଗୀତ ଏବଂ ଜାତୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏକ ସ୍ୱତନ୍ତ୍ର ଅଡିଓ-ଭିଜୁଆଲ୍ ଉପସ୍ଥାପନା ପ୍ରଦର୍ଶିତ ହୋଇଥିଲା ଏବଂ ଉଦଘାଟନୀ ଅଧିବେଶନରେ ଚାମିଅଲ୍ ଅଫ୍ ଇନ୍‌ଭୁସନ୍‌ରୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ନବଦର୍ଶନ ବାର୍ଷିକ ପ୍ରଭାବ ରିପୋର୍ଟ ଉନ୍ମୋଚିତ ହୋଇଥିଲା।

"ବିକଶିତ ଓଡିଶା ୨୦୩୬ରେ ଦିବ୍ୟାଙ୍ଗ ବାଲ୍ଡିଙ୍କ ଭୂମିକା" ଉପରେ ମୁଖ୍ୟ ଭାଷଣ ଦେଇ ସ୍ୱତିମାନଙ୍କର ସଚିବ ଶ୍ରୁତି ମହାପାତ୍ର ରାଜ୍ୟର ଅଭିବୃଦ୍ଧିରେ ସକ୍ରିୟ ଅବଦାନକାରୀ ଭାବରେ ଶିନ୍ଦୁକ୍ଷମ ବ୍ୟକ୍ତିମାନଙ୍କୁ ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଆରଏଫର ଅଧ୍ୟକ୍ଷ ଏବଂ ସହ-ପ୍ରତିଷ୍ଠାତା ଅକ୍ଷୟ ସାଗର ସ୍ୱାଗତ ଭାଷଣ ଦେଇଥିଲେ।

ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଇଁ ରାଜ୍ୟ କମିସନର ବ୍ରତତୀ ବଗିଚଦନ, ଆଇଏଏସ (ଅବସରପ୍ରାପ୍ତ); ଏସଏସପିଇଡିର ମମ୍ତା ନିତ୍ୟାନନ୍ଦ ଗଣ୍ଡ; ସୁମାନ୍ତ ପ୍ରଧାନ, ଡିଜିଏମ ଏବଂ ଶାଖା ମୁଖ୍ୟ, ଜି-ଗାର୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍; ଏବଂ ସନୀଶ କେ, ମୁଖ୍ୟ ଅଧିକାରୀ - ବିଏସଆର, ଜି-ଗାର୍ଡ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ପ୍ରମୁଖ ନିଜ ନିଜର ମତ ଉପସ୍ଥାପନ କରିଥିଲେ। "ଟିଇଡରେନ୍ ଟେକ୍ ଦି ଷ୍ଟେଜ୍: ମାଇ ଗଏସ୍ ମ୍ୟୁଜିସ୍" ଶୀର୍ଷକ ଏକ ସେରାମୋନିରେ ବୌଦ୍ଧିକ ଅକ୍ଷମତା ଥିବା ପିଲାମାନଙ୍କର ସ୍ୱର ଏବଂ ପ୍ରତିଭା ପ୍ରଦର୍ଶିତ ହୋଇଥିଲା। ଏହା ପରେ ଏକ ପ୍ୟାନେଲ୍ ଆଲୋଚନା, "ପ୍ରଗତି ପଛରେ ଥିବା କୋଳମାନେ: ଭୂପୃଷ୍ଠରୁ ସ୍ୱର" ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଜଣେ ଅଭିଭାବକ, ଜଣେ ସ୍ୱତନ୍ତ୍ର ଶିକ୍ଷକ, ଜଣେ ଶିଳ୍ପୀ ଏବଂ ଜଣେ ଜିଲ୍ଲା ଅଂଶୀଦାରଙ୍କ ଦୃଷ୍ଟିକୋଣକୁ ସାମିଲ କରାଯାଇଥିଲା।

ଏନ୍‌ଏସି ଘୋଷଣା ଦାବିରେ ବୈଠକ

ଟାଙ୍ଗୀ, : ଖୋର୍ଦ୍ଧା ଜିଲ୍ଲା ପୂର୍ବତନ ୨୪ ବର୍ଷର ସରକାର ଟାଙ୍ଗୀ କୁ ଘୋଷଣା କରିଥିଲେ ହେଲେ ସରକାର ଗଲାପରେ ନୂତନ ସରକାର ଆସିବା ପରେ ଏଦିଗରେ କୌଣସି ପଦକ୍ଷେପ ନଜେରେ ନାହିଁ ଏହା ସହ ନୂତନ ଭାବେ ୧୨ଟି ଏନ୍ ଏସି ଘୋଷଣା କରିଥିଲେ ଏହି ୧୨ଟି ତାଲିକାରେ ଟାଙ୍ଗୀର ନାଁ ନାହିଁ, ତେଣୁ ଟାଙ୍ଗୀ ବାସୀଙ୍କ ମନରେ ଏ ନେଇ ନୈରାଶ୍ୟ ଭାବ ଦେଖା ଦେଇଥିଲା, ଏହି ଘଟଣାକୁ ନେଇ ଆଜି ଟାଙ୍ଗୀ ବିଜେଡି ପକ୍ଷରୁ ଟାଙ୍ଗୀ ରନ୍ଧମାଳୀ ମନ୍ଦିରଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା, ଏହି ବୈଠକରେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ସମବାୟ ନେତା ମହେନ୍ଦ୍ର କୁମାର ସାହୁ,ପୂର୍ବତନ ସମିତି ସଭ୍ୟ ମାଇକଲ୍ଲ ଡେମେରା ବିଜେଡି ସଂଗଠନ ପ୍ରଦୀପ ମହାପାତ୍ରଙ୍କ ସହ ଟାଙ୍ଗୀ ଅଂଚଳର ବହୁ ନେତା ଓ କର୍ମୀ ଯୋଗ

ଦେଇଥିଲେ ଏହାକୁ ନେଇ ରାଜ୍ୟ ସରକାର ଯେଉଁଜି ପାଟର ଅଞ୍ଚଳ ଜାତି ଟାଙ୍ଗିବାସୀଙ୍କ ପ୍ରତି ଆପତ୍ତେଇନ୍ତି ଗଣ୍ଡାକୁ ନେଇ ସମସ୍ତେ ଉଦବେଗ ପ୍ରକାଶ କରିଥିଲେ, ଏହା ସହ ବିଜେଡି ପକ୍ଷରୁ ଆସନ୍ତା ୨୫ ତାରିଖ ସୋମବାର ଦିନ ଟାଙ୍ଗୀକୁ ଘଇଇ ଘୋଷଣା ଜଡିତା ଦାବିରେ ରାଜ୍ୟ ସରକାରଙ୍କ ଉଦେଶ୍ୟ ରେ ଟାଙ୍ଗୀ ବିଡ଼ିଓଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତି ଗ୍ରହଣ କରା ଯାଇଛି ସୋମବାର ଦିନ ବହୁ ସଂଖ୍ୟା ରେ ବିଜେଡି ଜର୍ମା ଓଡ଼ିଆ ନେତା ଙ୍କ ସହ ଟାଙ୍ଗୀ ର ସାଧାରଣ ଜନତା, ବୁଦ୍ଧିଜୀବୀ, ଯୁବକମାନେ ସାମିଲ ହୋଇ ଟାଙ୍ଗୀ ମଧ୍ୟ ମଙ୍ଗଳ ପଡିଆଠାରୁ ଶୋଭଯାତ୍ରାରେ ବାହାରି ବ୍ଲକ ଅଫିସ ପର୍ଯ୍ୟନ୍ତ ଯିବେ. ଶାନ୍ତିପୂର୍ଣ୍ଣ ଭାବେ ଟାଙ୍ଗୀ। ବିଡିଓଙ୍କୁ ଦାବି ପତ୍ର ପ୍ରଦାନ କରାଯିବ ବୋଲି, ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷ କହିଛନ୍ତି।

ସାମୂହିକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ମୁରିବାହାନ, : ଚଭାଙ୍ଗୀର ବିଲ୍ଲା ମୁରିବାହାଲ ବ୍ଲକ ଲେବଡ଼ା ପଞ୍ଚାୟତ ଦୟମଡା ଯାତୀ ଯୋଗ ଦେଇ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ।

ଟଟୋପରା ଗ୍ରାମରେ ଜନମୁକ୍ତି ଅନୁଷ୍ଠାନ ଓ ବାପୁଜୀ ଯୁବକ ସଂଘର ମିଳିତରେ ଉଦ୍ୟମରେ ଶନିବାର ସାମୂହିକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ମୁଖ୍ୟ ଅତିଥି ଭାବେ ଲେବଡ଼ା ସରପଞ୍ଚ ଶ୍ରୀମତୀ ସମ୍ମାନିତ ଅତିଥି ଭାବେ ଟଟୋପରା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମଳୀଖା ମୁରୁମ ସଏ, ବାପୁଜୀ ଯୁବକ ସଂଘ ର ସଭାପତି ଜୟନ୍ତ କୁମାର ସାହୁ, ଜନମୁକ୍ତି ଅନୁଷ୍ଠାନ ର ସଞ୍ଚାବ ବେହେରା,ବୁଟୁ ସାହୁ, ସିଆରପି ଦୃଷ୍ଟିଲା ଥରେ। ପୁଟେଇ ଯୋଗଦେଇ ଜନମୁକ୍ତି ଅନୁଷ୍ଠାନ ଓ ଯୁବକ ସଂଘ ର କର୍ମ କର୍ତ୍ତା ଙ୍କୁ ବୃକ୍ଷ ରୋପଣର ମହତ କାର୍ଯ୍ୟ ଉପରେ ଅଭିଭାଷଣ ରଖି ଉତ୍ସାହିତ କରିଥିଲେ । ଏଥିରେ ମୁରିବାହାଲ ବନବିଭାଗ ରୁ କାହୁ ଓ ପିକୁଡି ବୃକ୍ଷ ଛଅ ସହ ଅଣି ଟଟୋପରା ମାଝଣି ମୁଣ୍ଡା ରେ ଥିବା ଖୋଦେ ପଡିଆ ରେ ରୋପଣ କରି ଥିଲେ। ଏଥିରେ ଜନମୁକ୍ତି ଅନୁଷ୍ଠାନ ର ଛୟା ସାହୁଙ୍କ ତେତ୍ୱତ୍ୱରେ ରେ ପ୍ରକାଶ ଜନଛୋର, ସୁଶୀଳ ସାହୁ, ଧର୍ମ ସାହୁ, ତ୍ରିଲୋଚନ ସାହୁ, ଯୁବକ ସଂଘର ଗଣେଶ ସାହୁ, ପୁରୁନ ସାହୁ, ତପୁ ସାହୁ, ଟଟୁନ ସାହୁ,ମାନକିଶୋର ଯାଜୀ, ଜୟନ୍ତ ସାହୁ, ବିଶ୍ୱ ସାହୁ,ତେତୁରାମ ସାହୁ, ସଚିନ ଯାଜୀ, ରମା ପୁଟେଲ, ବିଜୟ ପୁଟେଲ, ବୃଦ୍ଧ ସହାୟକ ଯୋଷାଗ ମହିଳା, ଗାଁ ର ଇତ୍ୟ ବ୍ୟକ୍ତି, ଓ ସମସ୍ତ କର୍ମ କର୍ତ୍ତା ଉପସ୍ଥିତ ଥିଲେ।

ଜେଏନ କଲେଜ ଛାତ୍ରୀ ଆକ୍ରମଣ ଘଟଣାର ୪ ଦିନ ପରେ ଗିରଫ ହେଲେ ୨ ଅଭିଯୁକ୍ତ

ମାହାଙ୍ଗା, : ମାହାଙ୍ଗା ଥାନା ମୁଚବସର ଗ୍ରାମର ଜନୈକା କଲେଜ ଛାତ୍ରୀକୁ ମରଣାନ୍ତକ ଆକ୍ରମଣ ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତକୁ ଓଠାଇ ଆଣିଛି ପୋଲିସ । ଗତ ୧୯ ତାରିଖ ସକାଳ ସାଢେ ଏଗାର ଟା ସମୟରେ ଜଲ୍ୟାଣପୁର ଗ୍ରାମ ନିକଟ କେନାଲ ବନ୍ଧ ଉପରେ ୨ ଜଣ ଅଜଣା ବାଇକ ଆରୋହୀ ଜେ ଏନ କଲେଜକୁ ଯାଉଥିବା ଶୁଭାସ୍ମିତା ସାହୁଙ୍କୁ ଏକ ଧାଲୁଆ ଛୁରୀ ଦ୍ୱାରା ଆକ୍ରମଣ ପରେ ସାହସିକତାର ସହିତ ଛାତ୍ରୀ ଜଣକ ପେମାନଙ୍କ ମୁକାବିଲା କରିଥିଲା । ତେବେ ଅଭିଯୁକ୍ତ ମାନେ ଘଟଣାସ୍ଥଳରୁ ବାଇକ ଧରି ଫେରାର ହୋଇଯାଇଥିଲେ । ଆହତ ଛାତ୍ରୀ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ବେଳେ ଅପରାଧୀଙ୍କୁ ଗିରଫ ପାଇଁ ବିଭିନ୍ନ ରାଜନୈତିକ ଦଳ ପୋଲିସ

ଉପରେ ଲଗାତାର ଚାପ ପକାଇ ଆସୁଥିଲେ । ତେବେ ଗ୍ରାମାଞ୍ଚଳ ଏସପିକ ନିର୍ଦ୍ଦେଶ ଏବଂ ସାଲେପୁର ଏସଡିପିଓ ବିରଞ୍ଚି ନାରାୟଣ ପତିଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ସ୍ଥାନରେ ତଦାଉ ପରେ, ଶେଷରେ ସାଲେପୁର ଜିଲ୍ଲା କାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଚରାଜପୁର ଗାଁ'ରୁ ଏହି ୨ ଜଣ ଅସାମାଜିକ ଯୁବକଙ୍କୁ ଧରିବାରେ ସଫଳ ହୋଇଥିଲା । ଅଭିଯୁକ୍ତ ସୁନାକର ନାୟକ ଏବଂ ଚନ୍ଦନ ନାୟକଙ୍କୁ ପୋଲିସ ଗିରଫ କରିଛି । ଛାତ୍ରୀଙ୍କୁ ଆକ୍ରମଣ ବେଳେ ବ୍ୟବହୃତ ଛୁରୀ, ଅଭିଯୁକ୍ତ ଘଟଣାସ୍ଥଳରେ ଛାଡି ଆସିଥିବା ବଜା ଏବଂ ସେମାନେ ବ୍ୟବହାର କରିଥିବା ଏକ ବାଇକକୁ ମଧ୍ୟ ଜବତ କରିଛି ମାହାଙ୍ଗା ପୋଲିସ । ତେବେ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ ପରେ ପାଟିତ ପରିବାର ପକ୍ଷରୁ ଦୋଷୀଙ୍କ ବିରୁଦ୍ଧରେ ଜଘନ୍ୟତମ ମିତ୍ର ଦାବୀ କରାଯାଇଛି।

କର୍ମଚାରୀ କେନ୍ଦ୍ରିତ ନୀତି ପାଇଁ ବେଦାନ୍ତ ସେସା ସ୍ୱୀକୃତି ଲାଭ କଲା

ଭୁବନେଶ୍ୱର : ବେଦାନ୍ତ ସେସା ଗୋଆକୁ ତ୍ରମାଗତ ଚତୁର୍ଥ ବର୍ଷ (୨୦୨୨-୨୦୨୫) ପାଇଁ ଏକ ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ଭାବରେ ପ୍ରମାଣିତ କରାଯାଇଛି, ଯାହା ଭାରତର ପ୍ରମୁଖ ସଂଗଠନଗୁଡ଼ିକ ମଧ୍ୟରେ ନିଜର ସ୍ଥାନ ସ୍ଥାପନ କରିଛି ଯେଉଁମାନେ କାର୍ଯ୍ୟକ୍ଷେତ୍ର ସଂସ୍କୃତିରେ ଉତ୍କର୍ଷତା ବଜାୟ ରଖିଛନ୍ତି। ଉଚ୍ଚ-ବିଶ୍ୱାସ ଏବଂ ଉଚ୍ଚ-କାର୍ଯ୍ୟକ୍ଷମତାପୂର୍ଣ୍ଣ କର୍ମକ୍ଷେତ୍ର ପରିବେଶ ନିର୍ମାଣ, ସ୍ଥାୟୀ କରିବା ଏବଂ ସ୍ୱୀକୃତି ଦେବା ପାଇଁ ଏକ ବିଶ୍ୱସ୍ତରୀୟ ପ୍ରାଧିକରଣ, ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ପ୍ରତିଷ୍ଠାନ ଦ୍ୱାରା ଏହି ମାନ୍ୟତା ପ୍ରଦାନ କରାଯାଇଛି। ଏହି ପ୍ରମାଣପତ୍ର ଏକ କଠୋର, ସ୍ୱାଧୀନ ମୂଲ୍ୟାଙ୍କନ ଉପରେ ଆଧାରିତ ଯାହା କର୍ମଚାରୀ ମତାମତ ଏବଂ ଲୋକ-କେନ୍ଦ୍ରିକ ନୀତି ଏବଂ ଅଭ୍ୟାସର ପ୍ରଭାବଶାଳୀତା ଉପରେ ସଂଗଠନଗୁଡ଼ିକୁ ମୂଲ୍ୟାଙ୍କନ କରିଥାଏ। ଏହା ବେଦାନ୍ତ ସେସା ଗୋଆର ବିଶ୍ୱାସ, ସମ୍ମାନ, ଗୁରାଣ୍ଟା ଏବଂ ବୃତ୍ତିଗତ ଅଭିବୃଦ୍ଧି ପାଇଁ ସୁଯୋଗ ଉପରେ ନିର୍ମିତ ଏକ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଉପରେ ନିରନ୍ତର ଗୁରୁତ୍ୱାରୋପକୁ ପ୍ରାଧାନ୍ୟ ପ୍ରଦାନ କରିଛି। ଏହି ମାନ୍ୟତା ମୁଳ ସଂଗଠନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧତା ପଛକ ଆସିଛି, ମାନବ ପୁଞ୍ଜି ବିକାଶ ଏବଂ ରାଷ୍ଟ୍ର ନିର୍ମାଣରେ ଏହାର ଦୀର୍ଘକାଳୀନ ପ୍ରତିବାଦକୁ ଆହୁରି ବୈଧ କରି ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ଦ୍ୱାରା ବେଦାନ୍ତ ଗ୍ରୁପକୁ ଭାରତର ପର୍ଯ୍ୟାବେକ୍ଷଣ ନିଯୁକ୍ତିଦାତା ରାଷ୍ଟ୍ର-ନିର୍ମାତା ୨୦୨୫ ଭାବରେ ନାମିତ କରାଯାଇଛି। ଗୋଆ, କର୍ଣ୍ଣାଟକ, ମହାରାଷ୍ଟ୍ର, ଓଡ଼ିଶା ଭଳି ବାଗୋଟି ରାଜ୍ୟରେ ଏହାର ବହୁବିଧ ସ୍ଥାନଗୁଡ଼ିକରେ, ବେଦାନ୍ତ ସେସା ଗୋଆ ଅନେକ ସଂଉଚିତ ପଦକ୍ଷେପ କାର୍ଯ୍ୟକାରୀ କରିଛି ଯାହା

ଏହାର ନିରନ୍ତର ପ୍ରମାଣପତ୍ରରେ ଅବଦାନ ରଖେ, ଯେଉଁଥିରେ ସୁରକ୍ଷା ସଂସ୍କୃତିକୁ ସୁଦୃଢ଼ କରିବା, ଡିଜିଟାଲିକ ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା, ବିବିଧତା ଏବଂ ଅନ୍ତର୍ଭୁକ୍ତିକୁ ଆହୁରି ବଢାଇବା, ଏବଂ କ୍ଷମତା ବୃଦ୍ଧି ଏବଂ ଭବିଷ୍ୟତ ପ୍ରସ୍ତୁତିକୁ ସକ୍ଷମ କରିବା ପାଇଁ ସଂରଚିତ ନେତୃତ୍ୱ ଏବଂ କାର୍ଯ୍ୟଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ। ଏହି ଅବସରରେ, ବେଦାନ୍ତ ସେସା ଗୋଆର ସିଇଓ ନବୀନ ଜାକୁ କହିଲେ, ବେଦାନ୍ତ ସେସା ଗୋଆ ବିବିଧ କର୍ମଚାରୀଙ୍କ ଅନନ୍ୟ କ୍ଷମତାରେ ବିଶ୍ୱାସ କରିଥାଏ ଏବଂ ସେମାନଙ୍କର ବୃତ୍ତିଗତ ଏବଂ ବ୍ୟକ୍ତିଗତ ବଢାଣକୁ ପ୍ରାଥମିକତା ଦେଇଥାର। କ୍ରମାଗତ ଚତୁର୍ଥ ବର୍ଷ ପାଇଁ ଏକ ମହାନ କାର୍ଯ୍ୟ ସ୍ଥାନତ ଭାବରେ ସ୍ୱୀକୃତି ପାଇବା, ଦଶନ୍ଧି ଧରି ଦିଜଣିତ ଆମର ଦୃଢ଼ କର୍ମଚାରୀ-କେନ୍ଦ୍ରିକ ସଂସ୍କୃତିର ପ୍ରମାଣ ଦେଉଛି।

ଅମ୍ବାଭୋନା ପୋଲିସ୍‌ର ଅତର୍କିତ ଚଢ଼ାଉ : ୯ କେଜି ୯୫୦ ଗ୍ରାମ ଗଞ୍ଜେଇ ଓ ବାଇକ୍ ଜବତ, ତିନି ଗିରଫ

ଅମ୍ବାଭୋନା, : ଜିଲ୍ଲା ଆରକ୍ଷା ଅଧ୍ୟକ୍ଷ ପ୍ରହ୍ଲାଦ ଜାଟ ମିନାଙ୍କ ନିର୍ଦ୍ଦେଶକ୍ରମେ ଅମ୍ବାଭୋନା ପୋଲିସ କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ତିନି ଜଣ ଯୁବକଙ୍କୁ ଗିରଫ କରିଛି ।ଅମ୍ବାଭୋନା ପୋଲିସ ଅଧିକାରୀ ବିପିନ ଚାଗଙ୍କ ସୂଚନା ଅନୁସାରେ କେସ ନମ୍ବର ୧୪୬, ୨୦ (ବି)(ସଏ)(ବି)୨୧ ଏନ ଡି ପି ଏସ ଆକ୍ଟ ରେ ମାମଲା ରୁଜୁ ଜରି ଜଲମି ଗ୍ରାମର ଚମରା ବାସ (୫୬)ଓ ଜଷ୍ଟପଲା ଗ୍ରାମର ଗୋବିନ୍ଦ ପଟେଲ (୪୦), ଆକାଶ କୁମାର ପଟେଲ (୨୯) କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।ତାଙ୍କ ଠାରୁ ୯ କେ ଜି ୯୫୦ ଗ୍ରାମ ଓ ଗଞ୍ଜେଇ ସହ ଦୁଇଟି ନମ୍ବର ବିହୀନ ମୋଟରସାଇକେଲ ଜିଗୋ

ଗ୍ଲାମର ଓ ଏକ ଏଫ ଡିଲକ୍ସ ସହ ତିନୋଟି ମୋବାଇଲ ଏବଂ ୧୧୪୦ ଟଙ୍କା ଜବତ ହୋଇଥିବା ଜଣାପଡିଛି ।ଦେପାଇଜନ ନିଶା କାରବାରକୁ ବନ୍ଦ କରିବା ପାଇଁ ପୋଲିସ୍ ବିଭାଗର ଏଭଳିସ ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

ଚାଉଁରପୁର ସେତୁରୁ ମହାନଦୀକୁ ଡେଇଁ ନିଖୋଜ ଥିବା ଛାତ୍ରୀ ଗୋବିନ୍ଦତୋଳା ବ୍ରିଜ୍ ନିକଟରୁ ଉଦ୍ଧାର

ସମଲପୁର, : ସମଲପୁର ସହରରେ ମହାନଦୀର ଦ୍ୱିତୀୟ ସେତୁ ଚାଉଁରପୁର ସେତୁ ଉପରୁ ମହାନଦୀକୁ ଡେଇଁ ନିଖୋଜ ଥିବା ଜନୈକା ଛାତ୍ରୀଙ୍କୁ ଉଦ୍ଧାର କରାଯାଇଛି । ଛାତ୍ରୀ ଜଣକ ଚାଉଁରପୁର ସେତୁରୁ ମହାନଦୀ ଗର୍ଭକୁ ଡେଇଁଥିବା ବେଳେ ଉଦ୍ଧାର ପାଇଁ ଅଗ୍ନିଶମ ବିଭାଗର ସ୍ୱତନ୍ତ୍ର ପାୱାର ବୋଟ୍ ବହୁ ଖୋଜାଖୋଜି କରି ଶେଷରେ ଗୋବିନ୍ଦତୋଳା ବ୍ରିଜ ନିକଟରୁ ସମ୍ପୃକ୍ତା ଛାତ୍ରୀଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଥିଲେ । ଉଦ୍ଧାର ପରେ ଅତେଚ୍ ଅବସ୍ଥାରେ ଥିବା ଛାତ୍ରୀ ଜଣକୁ ତୁରନ୍ତ ସମଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ଚାଉଁରପୁର ସେତୁ ଉପରୁ ଛାତ୍ରୀ ଜଣକ ମହାନଦୀକୁ ଡେଇଁବା ପୂର୍ବରୁ ସେତୁ ଉପରେ ନିଜ ବପଲ, ସାଇକେଲ ଓ ଏକ ବ୍ୟାଗ୍ ଛାଡି ଯାଇଥିଲେ । ଟାଉନଥାନା ପୋଲିସ ଘଟଣାସ୍ଥଳରେ ପହଂଚି ଛାତ୍ରୀ ଜଣଙ୍କର ସୁରାକ୍ ଅନୁସନ୍ଧାନ ପାଇଁ ବ୍ୟାଗ ଖୋଲିବା ପରେ ସେଥିରୁ କୁଜାରଡା ରାଡିକା ବିଦ୍ୟାଳୟର ନବମ ଶ୍ରେଣୀର ଜିଲ୍ଲି ପ୍ରଶ୍ନପତ୍ର ପାଇଥିଲେ । ସେ ନବମ ଶ୍ରେଣୀର ଛାତ୍ରୀ ବୋଲି ଜଣାପଡ଼ିଥିଲା । ସେ ନିଜ ଡାପା ମା'ଙ୍କୁ ଯୋଗାଯୋଗ ପରେ ଭାରତୀୟ ନୌସେନା ଠାରେ ନିଜ ପମାର୍ଜିୟ ଭାଇଙ୍କ ଘରେ ରହି ପଢୁଥିଲେ ।

ବିଭିନ୍ନ ସମୟରେ ଆଡିବାଲିର ଯୁବକର୍ତ୍ତା ହଠାତ୍ ଆତ୍ମହତ୍ୟା ଭଳି କଠୋର ପାଦିମୁଖ୍ୟ ଗ୍ରହଣ କରୁଥିବାରୁ ଏ ଦିଗରେ ସଚେତନତାର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ଆଡିର ଏହି ଘଟଣା ପରେ ବହୁ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି । ଏବେ ଛାତ୍ରୀ ଜଣଙ୍କ କେଉଁ ପ୍ରକାରର ଶକ୍ତ ମାନସିକ ଆଘାତ ପାଇଛନ୍ତି ଓ ତାହା କରଦାସ୍ତ କରିନପାରି ଆତ୍ମହତ୍ୟା ଭଳି କଠୋର ପଦକ୍ଷେପ ନେବାକୁ ବାଧ ହେଲେ ତାହା ପ୍ରଶାସନ ଗୁପ୍ତରେ ତଦନ୍ତ କରିବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପା

ମୋ ସହର

ଖୋର୍ଦ୍ଧା ଟାଙ୍ଗୀକୁ NAC ଘୋଷଣା ପାଇଁ ଜନ ଆନ୍ଦୋଳନ

ଭୁବନେଶ୍ୱର.(ପି.ଏନ): ବିଜୁ ଜନତା ଦଳ ପକ୍ଷରୁ ଆଜି ଆନ୍ଦୋଳନ ଜରାଯାଇଛି,ଟାଙ୍ଗୀ ଅଞ୍ଚଳକୁ ସହରାଞ୍ଚଳ ବା ଗଜର ଘୋଷଣା କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଟାଙ୍ଗୀ ବିଡ଼ିଓ ରୁମାଚା ଜାଫର ଙ୍କୁ ବିଜେଡ଼ି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି । ଗତ ସାଧାରଣ ନିର୍ବାଚନ ପୂର୍ବରୁ ପୂର୍ବ ସରକାର ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଅଞ୍ଚଳକୁ ଘରଉ କରାଯାଇଥିବା ବୋଲି ଘୋଷଣା କରିଥିଲେ,ତା'ପରେ ସରକାର ବଦଳି ଗଲା ଏବଂ ନୂଆ ସରକାର ଆସିବା ପରେ ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଅଞ୍ଚଳକୁ ଘରଉ ଘୋଷଣା ନେଇ କୌଣସି ସରକାରୀ କାଗଜପତ୍ର ନାହିଁ ବୋଲି ମାନ୍ୟବର ମନ୍ତ୍ରୀ ସ୍ପଷ୍ଟ କରିଥିଲେ । ମାତ୍ର ଗୁହ ଓ ନଗର ଉନ୍ନୟନ ବିଭାଗର ଚିଠି ସଂଖ୍ୟା ୨୨୨୧୫/ ୦୨.୧୧.୨୦୨୪ ଅନୁସାରେ ବିଭାଗ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳଙ୍କୁ ୫୭ ଟି ଅଞ୍ଚଳର ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଯାହାକୁ ନେଇ ଟାଙ୍ଗୀ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲା,ସରକାରଙ୍କୁ ମିଛୁଆ ସରକାର ବୋଲି କହିଛନ୍ତି ଯଦି ନଥିପତ୍ର ନଥିଲା ତେବେ ସରକାର ଚିଠି କଲେ କେମିତି ବୋଲି ପ୍ରଶ୍ନ କରିଛନ୍ତି । ରାଜ୍ୟ ସରକାର ତୁରନ୍ତ ଟାଙ୍ଗୀ ଅଞ୍ଚଳକୁ ସହରାଞ୍ଚଳ ଘୋଷଣା କରନ୍ତୁ ନତେତ୍ ବିଜେଡ଼ି ପକ୍ଷରୁ ଏହାର ଦୃଢ଼ ଜବାବ ଦିଆଯିବ ବୋଲି ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ କଡ଼ା ଚେତାବନୀ ଦେଇଛନ୍ତି । ବିରାଟ ଶୋଭାଯାତ୍ରାରେ ବିଜୁ ଜନତା ଦଳ ପକ୍ଷରୁ ମଧୁମଙ୍ଗଳ ପଢିଆ ଠାରୁ ବାହାରି ଟାଙ୍ଗୀ ଅଞ୍ଚଳ ସରକାରଙ୍କ ବିରୋଧ ରେ ନାରାବାଜି କରି ପରିକ୍ରମା କରିବା ପରେ ଟାଙ୍ଗୀ ବୁଜ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧାର ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ,ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର,ବିଜେଡ଼ି ନେତା କ୍ୟାପଟେନ ମନୁଥ ରାଉତରାୟ ,ଟାଙ୍ଗୀ ସମବାୟ ସମିତିର ସଭାପତି ମହେନ୍ଦ୍ର କୁମାର ସାହୁ,ପୂର୍ବତନ ସମିତି ସଭ୍ୟା ନୀଳକଣ୍ଠ ବେହେରା,ଆଡଭୋକେଟ ରମେଶ ଚନ୍ଦ୍ର ବେହେରା,ଗାଜନେତା ଓ ସଂଗଠନ ଅଞ୍ଚଳ ମହାପାତ୍ର,ସଞ୍ଜୟ ହରିଚନ୍ଦନ,ବୁଲୁ ରାଉତ,ପ୍ରଦୀପ୍ତ ମହାପାତ୍ର,ଇପେନ୍ଦ୍ର ସାହୁ,ଜଳିଙ୍ଗ ବିଶ୍ୱାଳ,ଶାନ୍ତନୁ ବେହେରାଙ୍କ ସହିତ ବହୁ ୱାର୍ଡ ମେମ୍ବର ଓ ଟାଙ୍ଗୀ ଅଂଚଳ ର ଚଉ ବିଜେଡି ନେତା-କର୍ମୀ,ସମର୍ଥକ ଏବଂ ଶତାଧିକ ମହିଳା ବିଜେଡି କର୍ମୀ ଏଥିରେ ସାମିଲ ହୋଇଥିଲେ ।

ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ବଡବିଲ ଶାଖା ତରଫରୁ ବିଶାଳ ରକ୍ତଦାନ ଶିବିର ଆୟୋଜନ

ବଡବିଲ/ଜେନ୍ତୁଡ଼ର: ଜେନ୍ତୁଡ଼ର ଜିଲ୍ଲା ବଡ଼ବିଲ ପୌରପାଳିକା ଠରେ ଆଜି ବିଶ୍ୱ ଭ୍ରାତୃତ୍ୱ ଦିବସ ଅବସରରେ ବ୍ରହ୍ମାକୁମାରୀ ସଂଗଠନର ପୂର୍ବତନ ମୁଖ୍ୟ ପ୍ରଶାସିକା ଦାଦି ପ୍ରକାଶମଣି ଜୀ ଙ୍କ ୧୮ ତମ ଶ୍ରାଦ୍ଧ ବାର୍ଷିକୀ ଉପଳକ୍ଷ ପାଳନ ଅବସର ରେ ବଡବିଲରେ ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର ବଡବିଲ ଶାଖା ତରଫରୁ ଏକ ବିଶାଳ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଝରବଡ଼ି ଶ୍ରୀ ଦେବେନ୍ଦ୍ର ପିଙ୍ଗୁଆ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ବଡବିଲ ସଦର ମୁଖ୍ୟ ଚିକିତ୍ସାଳୟର ଡା. ସୌଭାଗ୍ୟ ରଞ୍ଜି ଗଞ୍ଜନ ସାମଲ ମଧ୍ୟ ବିଶେଷ ଅତିଥି ଭାବେ ଉପସ୍ଥିତ ଥିଲେ। ଉକ୍ତ ସଙ୍ଗଠନ ପାଇଁ ରେଡ୍ କ୍ରସ୍ ସଂସ୍ଥା ତରଫରୁ ଡା. ଜ୍ୟୋତିରଞ୍ଜନ ମାଲିକଙ୍କ ନେତୃତ୍ୱରେ ଟିମ୍ ଉପସ୍ଥିତ ଥିବେ, ଯେଉଁଥିରେ ଡିସ୍ପାରା ନାୟକ, ଗିପିଜା ନନ୍ଦିନୀ ମହାନ୍ତ, ବିଜୟ କୁମାର ରାଉତ ଆଦି ସମିଲିତ ଥିବେ। ବ୍ରହ୍ମାକୁମାରୀ ପରିବାର ପକ୍ଷରୁ ବ୍ରହ୍ମାକୁମାରୀ ଜୟନ୍ତୀ (ବଡବିଲ ସେଣ୍ଟର ମୁଖ୍ୟ ସଂଚାଳିକା), ବ୍ରହ୍ମାକୁମାରୀ ମଞ୍ଜୁ, ବ୍ରହ୍ମାକୁମାର ଅଞ୍ଜନ ଇତ୍ୟାଦି ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ସହଭାଗୀ ହେଇଥିଲେ। ଯେଉଁଥିରେ ପ୍ରାୟ ୫୦ ଜଣ ରକ୍ତଦାତା ରକ୍ତଦାନ କରିଥିଲେ ଯାହା ଦ୍ୱାରା ଅସହାୟଙ୍କ ରକ୍ତ ଆବଶ୍ୟକତା ପୂରଣ ହୋଇପାରିବ ଏବଂ ଏହି ଭ୍ରାତୃତ୍ୱ ଦିବସରେ ସମସ୍ତଙ୍କ ମଧ୍ୟରେ ଭାଇଚାରା ଦେଉ ଏବଂ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ପରମପିତା ପରମାତ୍ମା ଙ୍କର ସନ୍ତାନ ଏହି ବିଶ୍ୱ ଗୋଟିଏ ପରିବାର ଏହି ବାର୍ତ୍ତା ପ୍ରସାର କରିବା ଉଦ୍ଦେଶ୍ୟରେ ଏହି ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି ରକ୍ତଦାନ କାର୍ଯ୍ୟକ୍ରମ ସାରା ସାରଡଗରେ ବିଭିନ୍ନ ସେବାସ୍ଥଳରେ ଆୟୋଜନ କରାଯାଇଥିଲା।

ସରପଞ୍ଚଙ୍କ ତ୍ୱରିତ ପଦକ୍ଷେପ, ଘେରିବନ୍ଧ ମରାମତି କରି ଚାଷଜମିକୁ ସୁରକ୍ଷା ଦେଲେ

ମହାଜାନପଡ଼ା, : ଜେନ୍ତ୍ରାପଡ଼ା ଜିଲ୍ଲା ମହାଜାନପଡ଼ା ବୁଜର ଜମୁ ଫଟଇତର ଦକ୍ଷିଣ ଜମୁ ନଦୀ ବନ୍ଧରେ ପ୍ରାୟ ୧୫ ଫୁଟ୍ ଲମ୍ବର ଗାଷ୍ଟା ବନ୍ଧି ଯିବା ଖବର ପାଇ ସ୍ଥାନୀୟ ସରପଞ୍ଚ ବିଶ୍ୱଜିତ ଜମୁ ତ୍ୱରିତ ପଦକ୍ଷେପ ନେଇ ପ୍ରଶାସନକୁ ଜଣାଇଥିଲେ, ସଙ୍ଗେ ସ୍ୱେଚ୍ଛାସେବୀ ମାନଙ୍କୁ ଏକାଠି କରି ମାଟି ବାଲିବସ୍ତା ପକାଇ ଗାଷ୍ଟାକୁ ମରାମତି କରିଥିଲେ, ଯାହା ଫଳରେ ଶହ ଶହ ଏକର ଚାଷଜମି ବ ଲୁଣା କୁଆର ପାଣି ମାଡି ଯିବାର ଆଶଙ୍କା ତୁର ହେବା ସହିତ ଧନ ଜୀବନ ସୁରକ୍ଷା ହୋଇଛି । ଏ ନେଇ ସ୍ଥାନୀୟ ଅଂଚଳରେ ସରପଞ୍ଚଙ୍କ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଛନ୍ତି ।

ବୌଦ୍ଧ ସ୍ୱାଧୀନତା ଦିବସରେ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ନ ଦେବା ସ୍କୁଲ କର୍ତ୍ତୃପକ୍ଷଙ୍କୁ ପଡିଛି ମହଙ୍ଗା

ବୌଦ୍ଧ, : ବୌଦ୍ଧ ଜିଲ୍ଲାରେ ଏକାବେଳେ ୫୬ଟି ବିଦ୍ୟାଳୟକୁ ଜାରି ହୋଇଛି କାରଣ ଦର୍ଶାଅ ନୋଟିସ । ଜିଲ୍ଲାର ଡିନୋଟି ବୁଜର ଶିକ୍ଷା ଅଧିକାରୀଙ୍କୁ ନୋଟିସ ଜାରି କରେ ଜିଲ୍ଲା ଶିକ୍ଷାଅଧିକାରୀ । ବୌଦ୍ଧ ଜିଲ୍ଲାର ହରଗଡ଼ା ବୁଜର ୩୩ଟି, ବୌଦ୍ଧ ବୁଜର ୧୫ଟି, କଣ୍ଡାମାଳ ବୁଜର ୮ଟି ସ୍କୁଲକୁ ଜାରି ହୋଇଛି ନୋଟିସ । ସାତ ଦିନ ମଧ୍ୟରେ ଝଗଇ କମିଟି ଆଗରେ ୧୫ତାରିଖର ଭୋଜନ ଛାତ୍ରଛାତ୍ରୀଙ୍କୁ ଦେବା ସହ ପ୍ରମାଣ ସ୍ୱରୂପ ଫୋଟୋ ଭିଡିଓ ସହ ଉତ୍ତର ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଜାହିଁକି ଏହି ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଶୃଙ୍ଖଳା ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ସେ ନେଇ ଉତ୍ତର ଉଖୁଡାକୁ ଚିଠି ରେ ଉଲ୍ଲେଖ ରହିଛି । ସୂଚନା ଅନୁଯାୟୀ ଓଡଜରଭେଶନ ରେ ରେ ଛାତ୍ରଛାତ୍ରୀଙ୍କୁ ସ୍କୁଲରେ ମଧ୍ୟାହ୍ନ ଭୋଜନ ଦିଆଯିବ ବୋଲି ଶିକ୍ଷାବିଭାଗ ପକ୍ଷରୁ କଡା ନିର୍ଦ୍ଦେଶ ରହିଥିବା ଦେଜେ ଏଥିରେ ଖଲାପ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଥିଲେ । ସ୍ୱାଧୀନତା ଦିବସ ପୂର୍ବଦିନ ସମସ୍ତ ଉତ୍ତତ କୁ ନୋଡାଲ ଅଫିସର ଚିଠି ମଧ୍ୟ କରିଥିଲେ । ସ୍ୱାଧୀନତା ଦିବସରେ ସ୍କୁଲରେ ରନ୍ଧା ହେବ ମଧ୍ୟାହ୍ନ ଭୋଜନ । ହେଲେ ଶିକ୍ଷା ବିଭାଗ ର ନିର୍ଦ୍ଦେଶନାମା କୁ ପ୍ଫୁ କରି ବୌଦ୍ଧ ଜିଲ୍ଲାରେ ଅନେକ ସ୍କୁଲ ଦେଇନଥିରେ ମଧ୍ୟାହ୍ନ ଭୋଜନ । ହେବେ ମଧ୍ୟାହ୍ନ ଭୋଜନ ଦେଇନଥିବାରୁ ବୌଦ୍ଧ ଜିଲ୍ଲାର ୩୩ଟି ବୁଜ ର ୫୬ ଟି ସ୍କୁଲ କୁ ଜାରି ହୋଇଛି କାରଣ ଦର୍ଶାଓ ନୋଟିସ । ୭ଦିନ ମଧ୍ୟରେ ସ୍କୁଲ ଗୁଡିକ ଉତ୍ତର ରଖିବା ସହ ଝଗଉ କମିଟି ଆଗରେ ୧୫ତାରିଖର ଖାଦ୍ୟ ଛାତ୍ରଛାତ୍ରୀ କୁ ପ୍ରଦାନ କରିବା ସହ ଫୋଟୋ ଭିଡିଓ ଦାଖଲ ପାଇଁ ନିର୍ଦ୍ଦେଶ ହୋଇଛି । ଏଥିରେ ଖଲାପ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ବୌଦ୍ଧ ଜିଲ୍ଲା ଶିକ୍ଷା ଅଧିକାରୀ ସୂଚନା ଦେଇଛନ୍ତି ।

ଅବସର ପ୍ରାପ୍ତ ଜନ ପ୍ରିୟ ପ୍ରଧାନ ଶିକ୍ଷକଙ୍କ ପରଲୋକରେ ଅଶ୍ରୁଳଶ୍ରଦ୍ଧାଞ୍ଜଳି

ଦେଇକୋଇ : ଦେଇକୋଇ ବୁଜ ଖୁଣ୍ଟଖ ପ ଚକ୍ଷ ତ୍ରହ୍ମେ ଶ୍ୱର ଜଚ ବିଦ୍ୟାଳୟ ର ଅବସର ପ୍ରାପ୍ତ ଜନ ପ୍ରିୟ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ସୁଶାନ୍ତ କୁମାର ପ୍ରଧାନ ଙ ଇଅଷଠି ବର୍ଷ ବୟସରେ ଗତକାଲି ପରଲୋକ ହୋଇପାଇଛି ।ସ୍ୱର୍ଗତ ପ୍ରଧାନ ଥିଲେ ଜଣେ ପରୋ ଉପକାରୀ,ସ୍ନେହୀ,ଛାତ୍ର ବତ୍ସଳ,ମିଷ୍ଟଭାଷୀ ଜନପ୍ରିୟ ବ୍ୟକ୍ତି ।ସ୍ୱର୍ଗତ ପ୍ରଧାନ ଙ୍କ ବିୟୋଗରେ ସମସ୍ତ ଦେଇକୋଇ ଅଞ୍ଚଳରେ ଶୋକ ର ଛାୟା ଖେଳି ଯାଇଛି ।ତାଙ୍କ ବୁଡିତ ଉଦ୍ୟମରେ ତ୍ରହ୍ମେ ଶ୍ୱ ର ମନ୍ଦିର,ଖୁଣ୍ଟା ପଡା । ମକର ଯାତ୍ରା ର ବିକାଶ ହୋଇଥିଲା ।ତାଙ୍କ ବିୟୋଗରେ ସ୍ଥାନୀୟ ସରପଞ୍ଚ,ପ୍ରଧାନ ଶିକ୍ଷକ,ଦେଇକୋଇ ବୁଜର ବୁଦ୍ଧିଜୀବୀ,ଜନନେତା ଗଭୀର ଶୋକ ପ୍ରକାଶ କରି ତା ସହ ସ୍ୱର୍ଗତ ଆତ୍ମା ର ସ ତ ଗତି ନିମନ୍ତେ ଗଭୀର ଅଶ୍ରୁକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

କ.ନୂଆଗାଁରେ ନବ ଦିନାତ୍ମକ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ

କ.ନୂଆଗାଁ, : ଜଗତୀଳ ଜିଲ୍ଲା କ.ନୂଆଗାଁ ବଜାର ଠାରେ ଥିବା ଦୁର୍ଗା ପୂଜା ମଣ୍ଡପରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ନବ ଦିନାତ୍ମକ ମା' ଦୁର୍ଗାଙ୍କ ପୂଜା ଉତ୍ସବ ମହା ସମାରୋହରେ ପାଳନ କରିବା ପାଇଁ କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପାରମ୍ପାରିକ ରୀତି ନୀତି ଅନୁସାରେ ମା ପାଟଖଣ୍ଡାଙ୍କ ଆଜ୍ଞାମାଳ, ଗଙ୍ଗା ଆବାହନ, ଘେଉ ବରଣ ସହିତ ପ୍ରତିଦିନ ଗୋ ପୂଜା, ସୂର୍ଯ୍ୟ ପୂଜା ଶାନ୍ତି ପୂଜା, ହୋମ, ଚଣ୍ଡୀ ପାଠ ଉଦି ଜାର୍ଯ୍ୟକ୍ରମ ମା'ଙ୍କୁ ଦଶହରା ପର୍ଯ୍ୟନ୍ତ କରାଯିବ । ଉକ୍ତ କାର୍ଯ୍ୟକ୍ରମରେ କର୍ତା ରାଦେ ବାବୁରା ଓରଫ କୃଷ୍ଣ ଚନ୍ଦ୍ର ପାଣିଗ୍ରାହୀ, ମୂଖ୍ୟ ପୂଜକ ବ୍ରହ୍ମପୁରର ପଣ୍ଡିତ ନୀଳମାଧବ ତ୍ରିପାଠୀ କାର୍ଯ୍ୟ ସମ୍ପାଦନ କରିବା ସହ ଅନ୍ୟ ପୁରୋହିତ ଗଣ ସହଯୋଗ କରିବେ। ଏହା ସହ ଡିଜିନ୍ ପାଉଡ୍ ବଣ୍ଟନ କରାଯାଇ ଥିବା ବେଳେ ସମ୍ଭାମରୁ ମହାଭାରତ ନାଟକ ମଞ୍ଚସ୍ଥ କରିବା ପାଇଁ ଆଲୋଚନା ହୋଇ ଥିବା ଜଣାପଡିଛି । ଉକ୍ତ ବୈଠକରେ ଦୁର୍ଗାପୂଜା କମିଟି ସଭାପତି କୃଷ୍ଣ ମୋହନ ପାଣିଗ୍ରାହୀ, ଉପ ସଭାପତି ପଣ୍ଡିତ କୁମାର ବିଶିମାଝି, ସଂପାଦକ ରଜନୀ କାନ୍ତ ସାହୁ,କୋଷାଧକ୍ଷ ପ୍ରଭାତ କୁମାର ପାଣିଗ୍ରାହୀ, ଚରିତ୍ର ଚର୍ମକର୍ତା, ଚରିତ୍ର ଚର୍ମକର୍ତା ବିଜୟ କୁମାର ସାହୁ, କାଳି ପ୍ରସାଦ ତ୍ରିପାଠୀ, ଧବକେଶ୍ୱର ପାତ୍ର, ଦେବାଶିଷ ପଣ୍ଡା, ଶୁଶିଳ କୁମାର ପାତ୍ର, ସୁକାନ୍ତ କୁମାର ମହାପାତ୍ର, ଲୁବୁ ସାହୁ, ପିଣ୍ଟୁ ପ୍ରଧାନ, ଅପୂର୍ବ ରାଉତ,ଚନ୍ଦନ ବେହେରା,ମନୋଜ କୁମାର ସାହୁଙ୍କ ସମେତ ସମସ୍ତ ବଜାର ବାସୀ ଓ ବ୍ୟବସାୟୀ ଉପସ୍ଥିତ ଥିଲେ।

କୁମ୍ଭୀର ସଂରକ୍ଷଣ ଓ ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା ସମ୍ବନ୍ଧିତ ବୈଠକ

ଦିଗପହଣ୍ଡି, : ଦିଗପହଣ୍ଡି ସ୍ଥିତ ଶ୍ରୀ ଗୁପ୍ତେଶ୍ୱର ଶୈବପୀଠ ପ୍ରାଙ୍ଗଣରେ ଘୋଡାହାଡ ଦ୍ୱୀପ ଉପରେ ନିର୍ଭରଶୀଳ ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା ଏବଂ ଦ୍ୱୀପ ରେ ରହୁଥିବା କୁମ୍ଭୀରଙ୍କ ସୁରକ୍ଷାକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଦିଗପହଣ୍ଡି ବନଖଣ୍ଡ ରେଞ୍ଜର ଦିବ୍ୟ ରଞ୍ଜନ ସାହୁଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର ଯୋଗ ଦେଇଥିଲେ । ସେହିପରି ବୁଜ ମତ୍ସ୍ୟ ସମ୍ପଦ ବିକାଶ ଅଧିକାରୀ ନିଶ୍ଚଳ ମହାରଣା, ବନପାଳ ସନ୍ତୋଷ କୁମାର ବିଶ୍ୱାଳୀଙ୍କ, ଚିରପହଣ୍ଡି ଏନଏସି ଜଗରପାଡ ପ୍ରଫୁଲ୍ଲ ପଣ୍ଡା, ପୂର୍ବତନ ସମବାୟ ସଂଘ ଜିଲା ସଭାପତି ସନାତନ ସଂଗ୍ରାମ ସିଂ ଙ୍କ ସମେତ ୩୫ ଜଣ ମତ୍ସ୍ୟଜୀବୀ ଉପସ୍ଥିତ ଥିଲେ । ଗତ ପ୍ରାୟ ୨ବର୍ଷ ହେଲା ଅତ୍ୟଧିକ ବର୍ଷା ଅଭାବରୁ ଘୋଡାହାଡ ତ୍ୟାଗରେ ଯେଉଁ ପରିମାଣରେ ପାଣି ରହିବା କଥା ବର୍ତ୍ତମାନ ସେହି ପରିମାଣରେ ପାଣିର ଅଭାବ ରହିଛି । ଏପରିକି ତ୍ୟାଗରେ ରହୁଥିବା କୁମ୍ଭୀର ମାନଙ୍କ ସୁରକ୍ଷା ଦୃଷ୍ଟିରୁ ଗତ ପ୍ରାୟ ୨ବର୍ଷ ପୂର୍ବେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବନବିଭାଗ ପକ୍ଷରୁ ତ୍ୟାଗରୁ ମାଛ ଧରିବାକୁ ମତ୍ସ୍ୟଜୀବୀ ତଥା ମାଁ ବାଙ୍କେଶ୍ୱରୀ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତିର ସଦସ୍ୟ ମାନଙ୍କୁ ବାରଣ କରାଯାଇଥିଲା । ଯାହାଫଳରେ ମତ୍ସ୍ୟଜୀବୀ ମାନେ ନିଜର ଜୀବିକା ବୃତି ହରାଇବା ସହ ସେମାନଙ୍କ ଜୀବନ ଜୀବିକାକୁ ନେଇ ଚିନ୍ତିତ ରହୁଥିବେ । ତେବେ ବଢିତ ବର୍ଷା ଘୋଡାହାଡ ତ୍ୟାଗ ଅଞ୍ଚଳରେ ଭଲ ବର୍ଷା ଫଳରେ ତ୍ୟାଗରେ ଜଳସ୍ତର ସନ୍ତୋଷ ବୃଦ୍ଧି ପାଇଛି । ଯାହାକୁ ନେଇ ସ୍ଥାନୀୟ ବିଧାୟକ, ବନବିଭାଗ ଜାକ ପକାଇଥିବା ସମୟରେ ଯେପରି କୁମ୍ଭୀର ମାନଙ୍କ କ୍ଷତି ନହେବ ସେନେଇ

ଏବଂ ମତ୍ସ୍ୟ ସଂପ୍ରସାରଣ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ମତ୍ସ୍ୟଜୀବୀ ମାନଙ୍କୁ ତ୍ୟାମ ରୁ ମାଛ ଧରିବାକୁ ଅନୁମତି ଦିଆଯାଇଥିବେ ମଧ୍ୟ ମତ୍ସ୍ୟଜୀବୀ ମାନେ ବିଶେଷ ଧ୍ୟାନ ଦେବାକୁ ବୈଠକରେ ଆଲୋଚନା ହୋଇଥିଲା । ଏହି ବୈଠକରେ ମତ୍ସ୍ୟଜୀବୀ ସଂଘର ବହୁ ସଂଖ୍ୟକ ବର୍ମାବର୍ଗା ଉପସ୍ଥିତ ଥିବେ ।

ବଡ଼ ଧରଣର ଚୋରି ରାକେଟରେ ଠାବ, ୬ଜଣଙ୍କୁ ବାନ୍ଧିଲା ପୋଲିସ

ସମ୍ବଲପୁର, : ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡରେ ଗତ ତିନି ମାସ ଧରି ବିଭିନ୍ନ ଥାନା ଅଂଚଳରୁ ବହୁ ମାତ୍ରାରେ ଇଲେକ୍ଟ୍ରୋ ଆଲୁମିନିୟମ ତାର, ଜପର ତାର, ସେଂଟିଙ୍ଗ ପ୍ଲେଟ, ଲୁହା ପାଇପ, ଟ୍ରାନ୍ସଫର୍ମର ଆଦି ଚୋରା ହୋଇଯାଇ ଥିବାନେଇ ଅଭିଯୋଗ ହୋଇଥିଲା । ଏହାକୁ କେନ୍ଦ୍ର କରି ଅନେକ ଚୋରୀ କେସ୍ ରୁଜିଣ୍ଡା ଉପଖଣ୍ଡ ସ୍ଥିତ ଥାନା ଯଥା ରୁଜିଣ୍ଡା, ମହୁଲପାଡି, ଜମଜଳିରାରେ ବିଭିନ୍ନ ଚୋରୀ କେସ୍ ଦାୟର ହୋଇଥିଲା । ବାରମ୍ବାର ଚୋରୀ ହେବା ଯୋଗୁଁ ସମ୍ବଲପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ରାମୁଙ୍କ ନିର୍ଦ୍ଦେଶ କ୍ରମେ ଉପଖଣ୍ଡ ପୋଲିସ ଅଧିକାରୀ ପ୍ରଦୀପ କୁମାର ଦାସ ଏବଂ ଡିଏସପି ତଥା ରୁଜିଣ୍ଡା ଥାନା ଭାରପ୍ରାପ୍ତ ଅଧିକାରୀ ବାମଦେବ ଶଙ୍କୁଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୋଟିଏ ୯ ଜଣିଆ ଟିମ୍ ଗଠନ କରାଯାଇଥିଲା । ଉକ୍ତ ଟିମ ବିଭିନ୍ନ ସ୍ଥାନରେ ଚଢାଉ କରି ଅଭିଯୁକ୍ତମାନଙ୍କ ଠାରୁ ପ୍ରାୟ ୧୦ କୁଇଂଟାଲ ଆଲୁମିନିୟମ ତାର, ପ୍ରାୟ ୩ କେଜି ଜପର ତାର, ଡରଚା ହୋଇଥିବା ଆଲୁମିନିୟମ ଇଟା ଇତ୍ୟାଦି ଜବତ କରିବା ସହ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ କୁଚିଣ୍ଡାର ବୁଣ୍ଟାଲ କୁମାର ପାତ୍ରେ ନାମକ ଜଣେ ବ୍ୟକ୍ତି ଚୋରା ହୋଇଥିବା ତାର ବେଚିବା ପାଇଁ ଗ୍ରାହକ ଖୋଜୁଥିବା ସମୟରେ ସେ ଏହି ଚକ୍ରର ସନ୍ଧାନ ଦେଇଥିଲା । ଏହାପରେ ୯.୬.୨୦୨୫ ରେ କୁଡୁରା ବାହାଲ ଗାଁରୁ ବୁହା ପାଇପ୍ ଓ ସେଂଟିଙ୍ଗ ପ୍ଲେଟ୍ ଚୋରା ହରିଛନ୍ତି । କୁଚିଣ୍ଡା ଥାନା ଅନ୍ତର୍ଗତ ସୁବନପାଳି, ସାନ ଛାଟିଆପାଳିରୁ ଟ୍ରାନ୍ସଫର୍ମରର ଜପର ତାର, କୁଚିଣ୍ଡା ବରଘାଟରୁ ଟ୍ରାନ୍ସଫର୍ମର ଜଏଲ୍ ଚୋରା କରିଥିବେ ଓ ଜାଇକେରା ଥାନା, ଖାଇସୁଗୁଡ଼ା ଜିଲ୍ଲାରୁ ଯାମକାଳି ଓ ସାହାସପୁର ଏରିଆ ରୁ ତାର ଚୋରା କରିଛନ୍ତି। ଏହି ସବୁ ଚୋରୀ ଘଟଣାକୁ ନେଇ ସେମାନଙ୍କ ନାମରେ କୁଚିଣ୍ଡା ଥାନାରେ ୧୨୪ /୧୦, ୦୫, ୨୦୨୫ ସହିତ ମହୁଲପାଳି ଜମଜଳିରା, ଜଇକେରା ଥାନାରେ ଏକାଧିକ ମାମଲା ରୁଜୁ ହୋଇଛି ।ଏସଆଇ ଅମଳ ହୋତା, ଇଲାରି ପ୍ରଧାନ, ଏଏସଆଇ ସୋମନାଥ ବିଶ୍ୱାଳ, ତପୁଣ ବିସୋଇ, ମେଖଳ ଗୁରିଆ,ପଙ୍କଜ ଦଣ୍ଡସେନା ସୁଶାନ୍ତ କୁମାର ବରିହା, ରୁଚଚନ ମାଝୀ, ବନିତା ନାଏକ ଚତ୍ୱାରରେ ସାମିଲ ରହି ସେମାନଙ୍କ ଠାରୁ ୧୦ କ୍ୟୁଣ୍ଟାଲ ଆଲୁମିନିଅମ ତାର,୦୩ କେଜି କପର ତାର, ୩ଟି ମୋଟର ସାଇକଲ, ୩ ଟି ହଣ୍ଡର ଓ

ଖେଳ ପର୍ଯ୍ୟବେକ୍ଷକ

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Tuesday August 26 | ଭୁବନେଶ୍ୱର ମଙ୍ଗଳବାର, ୨୬, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com | ୮

କିଟ୍ ଓ କିସ୍ ପରିଦର୍ଶନରେ ୩୫ ଜଣିଆ ଶ୍ରୀଲଙ୍କା ପ୍ରତିନିଧି ମଣ୍ଡଳ

ଭୁବନେଶ୍ୱର, (ପି.ଏନ): ଶ୍ରୀଲଙ୍କା ସରକାରଙ୍କ ଲୋକ ସମ୍ପର୍କ ଅଧିକାରୀ, ଶ୍ରୀଲଙ୍କାର ବୁଦ୍ଧିଜୀବୀ ଓ ନୀତି ନିର୍ଦ୍ଧାରକଙ୍କୁ ନେଇ ଏକ ୩୫ଜଣିଆ ପ୍ରତିନିଧିମଣ୍ଡଳ ଆଜି କିଟ୍ ଓ କିସ୍ ପରିଦର୍ଶନରେ ଆସି ଫେରିଯାଇଛନ୍ତି। ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ ଆନୁକୂଲ୍ୟରେ ଏହି ପ୍ରତିନିଧିମଣ୍ଡଳ ଭାରତ ଗସ୍ତରେ ଆସିଥିବା ବେଳେ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ସଂଯୋଜନାରେ ସେମାନେ ଓଡ଼ିଶା ଆସିଛନ୍ତି। ସେମାନଙ୍କ ଓଡ଼ିଶା ଗସ୍ତସୂଚୀ ପରିପ୍ରେକ୍ଷୀରେ ସେମାନେ ପ୍ରଥମେ କିଟ୍ ଓ କିସ୍ ପରିଦର୍ଶନ କରିଥିଲେ। ସେମାନେ କିଟ୍‌ର ବିଭିନ୍ନ କ୍ୟାମ୍ପସ ପରିଦର୍ଶନ କରିବା ସହ କିସ୍ ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ କରିଥିଲେ। କିଟ୍ ଓ କିସ୍ ବିଷୟରେ ଜାଣି ସେମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ଏହା ସହ ଜନଜାତି ଛାତ୍ରଛାତ୍ରୀଙ୍କୁ କିସ୍ ମାଧ୍ୟମରେ ଶିକ୍ଷା ଜରିଆରେ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯାଉଥିବା ଜାଣି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ।ନିଜ ସ୍ୱାଗତ ଭାଷଣରେ ଶ୍ରୀ ସାମନ୍ତ କହିଲେ, ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ବିଭିନ୍ନ ଦୃଷ୍ଟିରୁ ବହୁ ପୁରାତନ ସମ୍ପର୍କ ରହିଆସିଛି। ବହୁ ପୂର୍ବରୁ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ସାଂସ୍କୃତିକ, ପାରମ୍ପରିକ, ବାଣିଜ୍ୟିକ ଓ କୁଟନୀତିକ ସମ୍ପର୍କ ରହିଆସିଛି। ୨୦୧୯ରୁ ଶ୍ରୀଲଙ୍କା ସହ କିଟ୍ ଓ କିସ୍‌ର ସମ୍ପର୍କ ମଧ୍ୟ ଧରି ରହିଆସିଛି ବୋଲି ଶ୍ରୀ ସାମନ୍ତ ସୂଚନା ଦେଇଥିଲେ। କିଟ୍ ବିଶ୍ୱବିଦ୍ୟାଳୟରେ ଶ୍ରୀଲଙ୍କା ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଶ୍ରୀଲଙ୍କାର ବହୁ ବିଶିଷ୍ଟ ବ୍ୟକ୍ତି ଶିକ୍ଷାବିତ୍ ମଧ୍ୟ କିଟ୍ ଓ କିସ୍ ପରିଦର୍ଶନ କରି ଏହାର ଉଚ୍ଚ ପ୍ରଶଂସା କରିଛନ୍ତି ବୋଲି ଶ୍ରୀ ସାମନ୍ତ କହିଥିଲେ।ଏହି କାର୍ଯ୍ୟକ୍ରମରେ କଲମ୍ବୋସ୍ଥିତ ଭାରତ ସରକାରଙ୍କ ଉଚ୍ଚାୟୁକ୍ତ ସୌରଭ ସବଲୋକ, ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟର ବରିଷ୍ଠ ଅଧିକାରୀ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦେବାଶିଷ ବନ୍ଦ୍ୟୋପାଧ୍ୟାୟ, କିଟ୍ ଇଂଟରନ୍ୟାସନାଲ ବ୍ୟାପାର ମହାନିର୍ଦ୍ଦେଶକ ଦେବରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ଇନର୍ ହୁଇଲ କ୍ଲବ୍ କଟକ ମହାନଗର ନିଗମର ମିଳିତ ଆନୁକୁଲ୍ୟରେ ଏକ ବୃହତ୍ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ

କଟକ,(ପି.ଏନ): କଟକ ଇନର୍ ହୁଇଲ କ୍ଲବ୍ କଟକ ମହାନଗର ନିଗମର ମିଳିତ ଆନୁକୁଲ୍ୟରେ ଏକ ବୃହତ୍ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଟକ ସତ୍ୟବ୍ରତ ଷ୍ଟାଡିୟମ ସମ୍ମୁଖରେ ଥିବା କ୍ରିସ୍ଟିଆନ୍ ପଡିଆରେ ଏହି ବୃକ୍ଷ ରୋପଣ କରାଯାଇଥିଲା । ମହାନଗର ତରଫରୁ ୫୦ ଟି ବଉଳ, ନିମ ଓ ଆମ୍ବ ପ୍ରଭୃତି ଗଛର ଚାରା ଯୋଗାଇ ଦିଆ ଯାଇଥିଲା ଓ ଏହି ୫୦ ଟି ଚାରା ବିନା ବାଧାରେ ଅର୍ଥାତ୍ ଗାଈ ଛେଳି ଓ ଅନ୍ୟାନ୍ୟ ପଶୁ ମାନଙ୍କ କବଳରୁ ରକ୍ଷା ପାଇ ବଞ୍ଚିବା ପାଇଁ କଟକ ଇନର୍ ହୁଇଲ ତରଫରୁ ୫୦ ଟି ବୃକ୍ଷ ରକ୍ଷକ ଜାଲି (ସ୍ପ୍ରିଙ୍ଗରର ଶଙ୍କବକ୍ସୟ) ଦିଆ ଯାଇଥିଲା । ଜାଲି ଗୁଡିକ ଲଗାଯିବା ଫଳରେ ପଡିଆ ର ସୌନ୍ଦର୍ଯ୍ୟକରଣ ମଧ୍ୟ ହୋଇପାରିଛି । ବୃକ୍ଷ ଗୁଡିକ ପଡିଆ ର ଏକ ପାର୍ଶ୍ୱ ରେ ଲଗାଯିବା ଫଳରେ ସେଠାରେ ଖେଳୁଥିବା ପିଲା ମାନଙ୍କ ର କୌଣସି ଅସୁବିଧା ହେବ ନାହିଁ ।ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ମହାନଗର ନିଗମ ପରିବେଶ ସୁରକ୍ଷା କମିଟି ର ଚେୟାରମ୍ୟାନ ଶ୍ରୀମତୀ ମୋନାଲିସା ଦାସ ଉଦଘାଟନ କରିଥିଲେ ଓ ପରିବେଶ ସୁରକ୍ଷା କମିଟି ର ସଦସ୍ୟା ଶ୍ରୀମତୀ ଲକ୍ଷ୍ମୀ ପ୍ରିୟା ବେହେରା ଉଦବୋଧନ ଦେଇଥିଲେ । କଟକ ଇନର୍ ହୁଇଲ କ୍ଲବ ର ପରିବେଶ ସୁରକ୍ଷା ନିମନ୍ତେ ଏହି ଉଦ୍ୟମ କୁ ସେମାନେ ପ୍ରସଂଶା କରିଥିଲେ । କ୍ଲବ ର ସଭାପତି ରୀତି ମୁକ୍ତା ପଟ୍ଟନାୟକଙ୍କ ନେତୃତ୍ୱରେ ଓ କ୍ଲବ ର ଅନେକ ବରିଷ୍ଠ ସଦସ୍ୟମାନଙ୍କ ସହାୟତାରେ କାର୍ଯ୍ୟକ୍ରମ ଟି ସୂଚାରୁ ରୂପେ ସମ୍ପାଦିତ ହୋଇଥିଲା । ବହୁ ସଦସ୍ୟା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

ଚଳିତବର୍ଷ ପୂଜାକମିଟିଙ୍କୁ ମିଳିବ 'ଶ୍ରୀ ଗଣେଶ' ସମ୍ମାନ

ବାଲିଆନ୍ତା,(ପି.ଏନ):ପାର୍ବଣରତୁର ଆଗମନରେ ଗାଁ ଠାରୁ ସହର ପର୍ଯ୍ୟନ୍ତ ଚଳଚଞ୍ଚଳ । ଆଉ ଦିନକ ପରେ ଧରାପୃଷ୍ଠକୁ ଆସିବେ ବିଘ୍ନବିନାଶକ ଶ୍ରୀ ଗଣେଶ । ଏହି ପରିପ୍ରେକ୍ଷୀରେ ଏକ ନୂତନ ଚିନ୍ତାଧାରା ନେଇ ଶାନ୍ତିସ୍ତୂପ ପ୍ରିଣ୍ଟ ମେଡିଆ, ଗ୍ରିନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ଓ ଉତ୍କଳ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ବାଲିଅନ୍ତା ବ୍ଲକର ବିଭିନ୍ନ ଅଞ୍ଚଳରେ ହୋଇଥିବା ପୂଜାକମିଟିକୁ ଶ୍ରୀ ଗଣେଶ ସମ୍ମାନରେ ସମ୍ମାନିତ କରାଯିବ । ସୁନ୍ଦର ମୂର୍ତ୍ତି, ସାଜସଜ୍ଜା, ପରିଷ୍କାର ପରିଚ୍ଛନ୍ନତା, ଶାନ୍ତି ଶୃଙ୍ଖଳା ଏବଂ ସମାଜକୁ ଦେଉଥିବା ଉତ୍ତମ ବାର୍ତ୍ତା ଭିତ୍ତିକ ଏହି ପାଞ୍ଚଟି ଦିଗକୁ ଲକ୍ଷ କରି ସମ୍ପୃକ୍ତ ପୂଜାକମିଟିକୁ ସମ୍ମାନିତ କରାଯିବ ବୋଲି ଆଜି ଚଢେଇବର ସ୍ଥିତ ମା' ବୁଢ଼ୀ ଠାକୁରାଣୀଙ୍କ ପ୍ରାଙ୍ଗଣରେ ହୋଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସେହିପରି ଆସନ୍ତା ୨୭ ତାରିଖରୁ ଅଞ୍ଚଳର ମୂର୍ତ୍ତିକାର, ଚିତ୍ରଶିଳ୍ପୀ ମାନେ ଆୟୋଜକଙ୍କ ସହ ଏକ ସ୍ୱତନ୍ତ୍ର ଦଳ ବ୍ଲକର ଅଞ୍ଚଳରେ ଥିବା ବିଭିନ୍ନ ପୂଜାକମିଟି ପରିଦର୍ଶନ କରିବେ । ଏଥିରେ ପ୍ରଥମ ୫ ଗୋଟି ପୂଜାକମିଟିକୁ ଶ୍ରୀ ଗଣେଶ ସମ୍ମାନରେ ସମ୍ମାନିତ କରାଯିବ କ୍ଷ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ପୂଜାକମିଟିକୁ ଯଥାକ୍ରମେ ୫ ହଜାର, ୩ ହଜାର, ୨ ହଜାର, ୧୫୦୦, ଏବଂ ୧ ହଜାର ଟଙ୍କା ପୁରସ୍କୃତ କରାଯିବ । ଆଜିର ସାମ୍ବାଦିକ ସମ୍ମିଳନୀରେ ଶାନ୍ତିସ୍ତୂପର ସମ୍ପାଦକ ରଞ୍ଜନ ମହାପାତ୍ର, ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟର ଅଧ୍ୟକ୍ଷ ଦୀନବନ୍ଧୁ ଭୋଇ, ଉତ୍କଳ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟର ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାନ୍ତି, ଗୋବିନ୍ଦ ବେହେରା, ମନୋଜ ବେହେରା, ସରୋଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

ବ୍ରହ୍ମପୁରରେ ଖୋଲିଲା ମୋଟ ଟାଇଲ ଏଣ୍ଡ ବାଥୱାରେ ଶୋରୁମ

ବ୍ରହ୍ମପୁର,(ପି.ଏନ):ବ୍ରହ୍ମପୁର ସହରରେ ଖୋଲିଲା ମୋଟ ଟାଇଲ ଏଣ୍ଡ ବାଥୱାରେ ଶୋରୁମ ।ପ୍ରେମନଗର ଚତୁର୍ଥ ଲାଇନ ଠାରେ ସୋମବାର ମଧ୍ୟାହ୍ନରେ ଶୁଭ ଉଦଘାଟନ ହୋଇଛି ।ଶ୍ରୀ ନନ୍ଦନ ଟାଇଲ ଏଣ୍ଡ ସାନିଟାରୀ ଷ୍ଟୋର ନାମ ରହିଥିବା ସହ ଏଠାରେ' ମୋଟ' କମ୍ପାନୀର ସମସ୍ତ ଟାଇଲ ଏଣ୍ଡ ବାଥୱାରେ ସାମଗ୍ରୀ ଉପଲବ୍ଧ ରହିଛି । ଶୁଭ ଉଦଘାଟନ ଅବସରରେ ମୁଖ୍ୟ ଅତିଥି ଭାବେ ମୋଟ ଗ୍ରୁପ ନିର୍ଦ୍ଦେଶକ ରାଜ ଫେଫାର୍ , ବାଣିଜ୍ୟ ନିର୍ଦ୍ଦେଶକ ରବି କୁବାଭଟ୍ଟ, କ୍ଷେତ୍ର ବାଣିଜ୍ୟ ପ୍ରବନ୍ଧକ ପ୍ରଣବ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ ।ବ୍ରହ୍ମପୁର ସହରରେ ଏହା ମୋଟ କମ୍ପାନୀର ପ୍ରଥମ ଆଉଟଲେଟର ହୋଇଥିବା ବେଳେ ଓଡ଼ିଶାର ବିଭିନ୍ନ ସ୍ଥାନରେ ବ୍ୟବସାୟ ପ୍ରତିଷ୍ଠାନ ରହିଛି ।ଗ୍ରାହକଙ୍କ ନିମନ୍ତେ ସୁଲଭ ଦର ସହ ସବୁ ବର୍ଗର ବ୍ୟକ୍ତିଙ୍କ ପାଇଁ ଦର ସୁହାଇଲା ପରି ରହିଛି ବୋଲି ଜଣେ କମ୍ପାନୀ ଅଧିକାରୀ କହିଛନ୍ତି। ଆଉଟଲେଟରରେ ଦୁଇବନ୍ଧୁ ଅବସରପ୍ରାପ୍ତ ସେନା ଅଧିକାରୀ ହିମାଂଶୁ ଶେଖର ପଣ୍ଡା ଓ କୃଷ୍ଣଚନ୍ଦ୍ର ପଟ୍ଟନାୟକଙ୍କ ଅଂଶଧନରେ ଶ୍ରୀ ନନ୍ଦନ ଟାଇଲ ଏଣ୍ଡ ସାନିଟାରୀ ଷ୍ଟୋର ଖୋଲା ଯାଇଛି। ରେଶମ ସହରବାସୀଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଉତ୍ତମ ଗୁଣବତ୍ତା ଉପକରଣ ସହ ଯୁଗପଯୋଗି ସାମଗ୍ରୀ ଯୋଗାଇ ଦିଆଯିବ ବୋଲି ପ୍ରୋପାଇଟର୍ ପ୍ରତିକ୍ରିୟା ରଖିଛନ୍ତି। ଉଦଘାଟନ ସମୟରେ ପ୍ରିୟଦର୍ଶିନୀ ପଟ୍ଟନାୟକ, ତନିସ ପଟ୍ଟନାୟକ, ଓମ ପଣ୍ଡା ସମେତ ପରିବାର ବର୍ଗ ଏବଂ ବନ୍ଧୁ ସୃଜନ ଉପସ୍ଥିତ ରହିଥିଲେ।

ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପରିଦର୍ଶନ ସମୟରେ ବିପର୍ଯ୍ୟୟ ପ୍ରସ୍ତୁତି ସମ୍ପର୍କିତ ବୈଠକ

ଭୁବନେଶ୍ୱର,(ପି.ଏନ): ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପରିଦର୍ଶନ ସମୟରେ ବିପର୍ଯ୍ୟୟ ପ୍ରସ୍ତୁତି ସମ୍ପର୍କିତ ବୈଠକ ଗତ ୨୧/୮/୨୫ରିଖରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲା ମଜିଷ୍ଟ୍ରେଟ୍ ଶ୍ରୀ ନବୀନ ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଜିଲ୍ଲାରେ ବିପଦ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ପାଇଁ ବୈଠକ ଆୟୋଜିତ ହୋଇଥିଲା। ଏହି ବୈଠକରେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (NDMA) ପକ୍ଷରୁ ଡ଼ା. ଏସ୍.କେ. ଜେନା (ଯୁଗ୍ମ ପରାମର୍ଶଦାତା), ଶ୍ରୀ ସୁବାଶ ଚାନ୍ଦ (ଅନୁ ସଚିବ), ଶ୍ରୀ ସୁବାଶ ଚନ୍ଦ୍ର ମହାନ୍ତି (ଲିଡ୍ କନସଲ୍ଟାଣ୍ଟ) ଓ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (OSDMA) ପକ୍ଷରୁ ପ୍ରମୁଖ ସାଧାରଣ ପ୍ରବନ୍ଧକ ଶ୍ରୀ ସୁବୋଧ ଆଚାର୍ଯ୍ୟ ସହିତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ, ଏବଂ ମାଲକାନାଗିରି ଓ କୋରାପୁଟର ଜିଲ୍ଲା ଜରୁରୀକାଳୀନ ଅଧିକାରୀମାନେ ଯୋଗଦେଇଥିଲେ। ପରିଦର୍ଶନର ମୂଳ ଉଦ୍ଦେଶ୍ୟ ହେଲା – ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ବିଭିନ୍ନ ଯୋଜନା, ସ୍ଟାଣ୍ଡାର୍ଡ ଓପେରେଟିଂ ପ୍ରୋସିଜର୍ (SOP), ନିର୍ଦ୍ଦେଶିକା ବିଷୟରେ ସାମାନ୍ୟୀକରଣ ଓ ଅଂଶୀଦାରିତା କରିବା, ରାଜ୍ୟ ଓ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (SDMA/DDMA) ର କାର୍ଯ୍ୟକ୍ଷମତାର ମୂଲ୍ୟାଙ୍କନ, ବିପର୍ଯ୍ୟୟ ପରିଚାଳନା ପ୍ରଣାଳୀର ସମୀକ୍ଷା କରିବା ଓ ସମ୍ପର୍କିତ ଦଲିଲ ପତ୍ର ସହିତ ଓରଡ ସାମଗ୍ରୀ ସଂଗ୍ରହ କରିବା ଥିଲା । ଘଉଗଇ ଅଧିକାରୀମାନେ ବିପର୍ଯ୍ୟୟ ପରିଚାଳନା ଆଇନ୍-୨୦୦୫ ର ବିଭିନ୍ନ ଧାରାଅନୁଯାୟୀ ନିୟମ, ପ୍ରକ୍ରିୟା, ଅନୁମୋଦନ ଓ କାର୍ଯ୍ୟାନ୍ୱୟନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେଥିସହ ପ୍ରଧାନମନ୍ତ୍ରୀଙ୍କ ୧୦-ସୂତ୍ରୀୟ ଏଜେଣ୍ଡା (Prime Minister's 10 Point Agenda on DRR) ଓ ଜାତୀୟ ବିପର୍ଯ୍ୟୟ ନିର୍ଦ୍ଦେଶିକା ଅନୁଯାୟୀ Minimum Standard Relief ବିଷୟରେ ବିବୃତି ପ୍ରଦାନ କରିଥିଲେ। ଡଃଉଗଇ ପକ୍ଷରୁ ଶ୍ରୀ ସୁବୋଧ ଆଚାର୍ଯ୍ୟ ଘଉଗଇ ଠାରୁ ଉଉଗଇ ପର୍ଯ୍ୟନ୍ତ ଭର୍ଟିକାଲ୍ କାର୍ଯ୍ୟକ୍ରମ ବିଷୟରେ ବ୍ୟାଖ୍ୟା କରିଥିଲେ ଏବଂ ପ୍ରାଥମିକ ବିଦ୍ୟାଳୟ ଓ ସ୍ୱାସ୍ଥ୍ୟ ସେବା କେନ୍ଦ୍ରର ଗଠନ ସମ୍ବନ୍ଧୀୟ ନିରୀକ୍ଷଣ ନଭେମ୍ବର୍ ଠାରୁ ଏପ୍ରିଲ୍ (ବର୍ଷା ପୂର୍ବରୁ) ସମୟରେ କରିବାର ଆବଶ୍ୟକତା ଉପରେ ଜୋର୍ ଦେଇଥିଲେ। ଏହା ପରେ ମାଲକାନାଗିରି ଓ କୋରାପୁଟର ଜିଲ୍ଲା ଜରୁରୀକାଳୀନ ଅଧିକାରୀମାନେ ବିପର୍ଯ୍ୟୟ ପ୍ରସ୍ତୁତି, ପ୍ରତିକ୍ରିୟା ଓ ପୁନରୁଦ୍ଧାର ପ୍ରଣାଳୀ ଉପସ୍ଥାପନା କରିଥିଲେ। ଶେଷରେ ରାୟଗଡାର ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରୀ ମନୋଜ କୁମାର ନାହାକ ଜିଲ୍ଲାର ବିପର୍ଯ୍ୟୟ ପ୍ରସ୍ତୁତି, ପ୍ରତିକ୍ରିୟା ଓ ପୁନରୁଦ୍ଧାର ପ୍ରଣାଳୀ ସହିତ ଚାଲୁଥିବା ବିଭିନ୍ନ ଦକ୍ଷତାବୃଦ୍ଧି କାର୍ଯ୍ୟକ୍ରମ ବିଷୟରେ ଉପସ୍ଥାପନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ନିଜର ମତାମତ ମଧ୍ୟ ଘଉଗଇ ଅଧିକାରୀମାନଙ୍କୁ ବିସ୍ତୃତ ଭାବରେ ଦେଇଥିଲେ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)

FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray